# ସୂଚନା ଅଧିକାର ତଥ୍ୟ ମାଗିବା ନେଇ ମାରପିଟ୍

ବାଲେଶ୍ୱର ଅଫିସ,୧୩।୧୨

ସୂଚନା ଅଧିକାର ଆଇନ୍ ଅନୁଯାୟୀ ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍‌ରେ ତଥ୍ୟ ମାଗିବା ଘଟଣା ନେଇ ମାରପିଟ୍ ଭଳି ଗଣ୍ଡଗୋଳ ଘଟି ଥାନା ଯାଏ କଥା ଯାଇଛି। ଜଳେଶ୍ୱର ଥାନା ଅଧୀନ ଶେଖବାଡ଼ ଅଞ୍ଚଳର ଗଣେଶ ମାଇତି ନାମକ ଜଣେ ବ୍ୟକ୍ତି କେତେକ ତଥ୍ୟ ମାଗିଥିଲେ। ଗୁରୁବାର ପୂର୍ବାହ୍ନରେ ସେ ଅଭିଯୋଗ ଶୁଣାଣିକୁ ଆସିଥିବା ବେଳେ କର୍ମଚାରୀଙ୍କ ସହ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଘଟିଥିଲା। ଏ ନେଇ ସହଦେବଖୁଣ୍ଟା ମଡେଲ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଶିକ୍ଷାଧିକାରୀଙ୍କ ଅଫିସ କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିବା ସହ ନାନା ଧମକଚମକ ଦେଇଥିବା ନେଇ ଗଣେଶ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଏହାର ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ ଗୁରୁବାର ପୂର୍ବାହ୍ନ ୧୧ଟା ସମୟରେ ଜିଲାଶିକ୍ଷାଧିକାରୀଙ୍କ ଅଫିସ୍‌ରେ ସୂ ଚନା ଅଧିକାର ନିୟମ ଅନୁଯାୟୀ ଆବେଦନ କରିଥିବା ଲୋକଙ୍କ ଅଭିଯୋଗର ଶୁଣାଣି ହୋଇଥିଲା। ଜିଲାଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭାଗୀୟ ଆଇନଜୀବୀ ସଞ୍ଜୟ କୁମାର ମହାନ୍ତି , ସୂଚନା ଅଧିକାର ବିଭାଗୀୟ ଅଧିକାରୀ ଅଶୋକ କୁମାର ନାୟକ ଏବଂ ମୁଖ୍ୟ କିରାଣି ପତିତପାବନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ତଥ୍ୟ ଦେବାରେ କାହିଁକି ବିଳମ୍ବ ହେଉଛି ଓ ଅର୍ଥ ଦାବି କରାଯାଉଛି ବୋଲି ଆବେଦନକରାରୀ ଗଣେଶ ପ୍ରଶ୍ନ କରି ପାଟି କରିବାରୁ ଗଣ୍ଡଗୋଳ ଘଟିଥିବା କୁହାଯାଉଛି। ଏହି ପାଟିତୁଣ୍ଡ ପରେ ୧୫ରୁ ୨୦ଲୋକ ଅଫିସ୍‌ରେ ପଶି ଗଣ୍ଡଗୋଳ କରି କେତେକ ଅଧିକାରୀଙ୍କୁ ମାରପିଟ୍ କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅଧିକାର ବିଭାଗୀୟ ଅଧିକାରୀଙ୍କ ଅଫିସ୍‌ର କାଗଜପତ୍ର ଏବଂ ଚେକ୍ ମଧ ଚିରି ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ୍ ପହଞ୍ଚିବାରୁ ଗଣ୍ଡଗୋଳକାରୀମାନେ ପଳାଇ ଯାଇଥିଲେ। ଶିକ୍ଷାଧିକାରୀଙ୍କ ଅଫିସ୍‌ରେ ତଥ୍ୟ ମାଗିଥିବା ଗଣେଶ ସୂଚନା ଅଧିକାର ନିୟମ ଅନୁସାରେ ଲୋକଙ୍କୁ ତଥ୍ୟ ନ ଦେଇ ହଇରାଣ କରାଯାଇ ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଛି ବୋଲି ଥାନାରେ ପାଲଟା ଅଭିଯୋଗ କରିଛନ୍ତ। ଅଧିକାରୀମାନେ ତାଙ୍କୁ ତଥ୍ୟ ନ ଦେଇ ହ୍ୱାଟ୍‌ସ ଆପ୍ ଜରିଆରେ ଅଭିଯୋଗ ଶୁଣାଣିକୁ ଡକାଇ ଟଙ୍କା ଜମା କରି ପୂର୍ବରୁ ପ୍ରସ୍ତୁତ ରିପୋର୍ଟ ନେବା ଲାଗି କହିବାରୁ ସେ ଏହାର ପ୍ରତିବାଦ କରିଥିଲେ। କିନ୍ତୁ କେତେକ କର୍ମଚାରୀ ତାଙ୍କୁ ଧମକ ଦେଇ ସେଠାରେ ଅସଦାଚରଣ କରିଥିଲେ। ଘଟଣା ସମ୍ପର୍କରେ ସହଦେବଖୁଣ୍ଟା ମଡେଲ ଥାନା ଅଧିକାରୀ ଶୁଭ୍ରାଂଶୁ ନାୟକଙ୍କୁ ପଚାରିବାରୁ କହିଛନ୍ତି, ଉଭୟ ପକ୍ଷଙ୍କ ଲିଖିତ ଅଭିଯୋଗ ହସ୍ତଗତ ହୋଇଛି। ତଦନ୍ତ ସରିବା ପରେ ଆଇନଗତ ପଦକ୍ଷେପ ନିଆଯିବ।


ଜିଲା ଶିକ୍ଷାଧିକାରୀ ଅଫିସ୍‌ରେ ଗଣ୍ଡଗୋଳ, ଉତ୍ତେଜନା।

- ଜିଲା ଶିକ୍ଷାଧିକାରୀ ଅଫିସରେ ଝାମେଲା
- ଥାନାରେ ଉଭୟ ପକ୍ଷଙ୍କ ଲିଖିତ ଅଭିଯୋଗ
- ତଦନ୍ତ ପରେ ହେବ କାର୍ଯ୍ୟାନୁଷ୍ଠାନ

## ସଂକ୍ଷେପରେ

### ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖୋଲିବ ଆହାର କେନ୍ଦ୍ର

ସୋର, ୧୩।୧୨(ଡି.ଏନ୍.ଏ)- ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆହାର କେନ୍ଦ୍ର ପ୍ରତିଷ୍ଠା ହେବା ନେଇ ବିଧାୟକ ପର୍ଶୁରାମ ଧଡାଙ୍କ ନେତୃତ୍ୱରେ ଏକ କମିଟି ସ୍ଥାନ ନିରୁପଣ ନେଇ ପରିଦର୍ଶନ କରିଛନ୍ତି। ଏହା ସହରର ମୁଖ୍ୟ କେନ୍ଦ୍ରସ୍ଥଳି ହୋଇଥିବାରୁ ଏଠାରେ ଖୋଲାଗଲେ ସମସ୍ତେ ଉପକୃତ ହେବେ । ଡାକ୍ତରଖାନାକୁ ଆସୁଥିବା ରୋଗୀ ବ୍ଲକ୍, କୋର୍ଟ, ଟ୍ରେଜେରୀ ଓ ମ୍ୟୁନିସିପାଲିଟିକୁ ଆସୁଥିବା ଗରିବ ଶ୍ରେଣୀର ଲୋକେ ଉପକୃତ ହେବେ । ଆସନ୍ତା ଜାନୁଆରୀ ୨୬ ତାରିଖରୁ ଏହି କେନ୍ଦ୍ରରୁ ପ୍ରଥମ ପର୍ଯ୍ୟାୟରେ ୩ ଶହ ଲୋକଙ୍କୁ ଭୋଜନ ଦିଆଯିବ ବୋଲି ବିଧାୟକ ଧଡ଼ା କହିଛନ୍ତି । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ବିଡିଓ ଚାର୍ଲସ ନାୟକ, ମ୍ୟୁନସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟ, ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଡା. ହେମନ୍ତ ରାଉଳ, ସହକାରୀ ଯନ୍ତ୍ରୀ ବାସୁଦେବ ସାହୁ ପ୍ରମୁଖ ଏହି କ୍ଷେତ୍ର ପରିଦର୍ଶନ ବେଳେ ଉପସ୍ଥିତ ଥିଲେ।

### ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅବିନାଶ ସମ୍ବର୍ଦ୍ଧିତ

ଖଇରା,୧୩।୧୨(ଡି.ଏନ.ଏ.)-ଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉଦ୍ଦେଶ୍ୟରେ ଏକ ସଭା ରବିବାର ଖଇରା ବ୍ଲକର ଡୁଙ୍ଗୁରା ସ୍ଥିତ ଦର୍ଶନ ପ୍ରସାଦ ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିର୍ମଳ କୁମାର ଏଥିରେ ସଭାପତିତ୍ୱ କରିଥିଲେ। ପୁରୀ ଚାରଣ ଗୋଷ୍ଠୀର ସହ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା, ଚାରଣ ଗୌରବ ଡଃ ରବୀନ୍ଦ୍ର ଜେନା, ଡଃ ଗଣେଶ୍ୱର ପରିଡା, ଓଡ଼ିଆ ଅଧାପକ ପୂର୍ଣ୍ଣଚନ୍ଦ୍ର ନାୟକ, ଝିଙ୍କିରିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ଚଣ୍ଡିମାତା ହାଇସ୍କୁଲର ସଂସ୍କୃତ ଶିକ୍ଷକ କୃପାସିନ୍ଧୁ ମହାନ୍ତି, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସଂଯୋଜକ ରମଣି ରଞ୍ଜନ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଉପରେ ଉଦ୍‌ବୋଧନ ଦେଇଥିଲେ। ଶେଷରେ ବାଲେଶ୍ୱର ଜିଲାରେ ପ୍ରଥମ ହୋଇଥିବା ଗୋଳିହା ଚଣ୍ଡିମାତା ହାଇସ୍କୁଲ ଛାତ୍ର ଅବିନାଶ ବାରିକଙ୍କୁ ଜଗନ୍ନାଥ ମୂର୍ତ୍ତି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବ୍ଲକର ସମସ୍ତ ୧୧୫ଜଣ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### କୋଇଲା ବୋଝେଇ ଗାଡ଼ି ଜବତ

ଧାମନଗର, ୧୩।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ଥାନା ପୋଲିସ ଶେଣ୍ଡପୁର ଛକ ନିକଟରୁ କୋଇଲା ବୋଝେଇ ଏକ ପିକ୍‌ଅପ ଭ୍ୟାନ୍ ଜବତ କରିଛି। ପାଟ୍ରୋଲିଂ ସମୟରେ ପୋଲିସ କୋଇଲା ବୋଝେଇ ଭ୍ୟାନ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ଗାଡ଼ି ଯାଜପୁର ଆଡ଼କୁ ଦ୍ରୁତଗତିରେ ପଳାଇ ଯାଉଥିଲା। ପୋଲିସ ପିଛା କରି ଶେଣ୍ଡପୁର ନିକଟରୁ ଗାଡ଼ିକୁ ଧରି ଥାନାକୁ ନେଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ମାମଲା (ନଂ.୨୧୫/୧୮) ରୁଜୁ କରାଯାଇଛି। ଗାଡ଼ିର କୌଣସି କାଗଜପତ୍ର ନ ଥିବା ପୋଲିସ ସୂଚନା ଦେଇଛି।

### ସାର୍ବଜନୀନ ଗ୍ରାମୀଣ ମେଳା ଉଦ୍‌ଘାଟିତ

ବାଲିଆପାଳ,୧୩।୧୨(ଡି.ଏନ.ଏ.): କାକର ଭିଜା ଶୀତୁଆ ପରିବେଶ ମଧ୍ୟରେ ବାଲିବିଲ ନୂଆ ହାଟ ପ୍ରାଙ୍ଗଣରେ ସାର୍ବଜନୀନ ଗ୍ରାମୀଣ ମେଳା ଆନନ୍ଦ ଉଲ୍ଲାସର ସହ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ମୁରବୀ ତଥା ସାମାଜିକ କର୍ମୀ ରବୀନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଯୁବ ନେତା ଅରୁଣ ଜେନା ଉଦ୍‌ଘାଟନ କରିଥିଲେ । ଡିସେମ୍ବର ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଏହି ଗ୍ରାମୀଣ ମେଳାରେ ବହୁ ଛୋଟ ବଡ଼ ଦୋକାନ ବଜାରର ବିପ୍‌ଣୀ ସାଙ୍ଗକୁ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଗ୍ରାମୀଣମେଳା କମିଟି ପକ୍ଷରୁ କୁହାଯାଇଛି। କମିଟିର କର୍ମକର୍ତ୍ତା ହାଟର ପ୍ରାଣ ପ୍ରତିଷ୍ଠାତା ଉପେନ୍ଦ୍ର ନାଥ ଜେନା, ଅଜୟ ପାତ୍ର, ଜୟ କୃଷ୍ଣ ଜେନା, ଶିବ ମହାଲିକ, କାଳିଚରଣ ଜେନା, କୁନା ରାଉତ, ବାବୁ ସାମଲ, ଚିତ୍ତରଞ୍ଜନ ଜେନା, ଗଣେଶ ପାତ୍ର, ପରମାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଝାଡ଼ଖଣ୍ଡ ହାତୀ ଉପଦ୍ରବ ଆତଙ୍କିତ ରାଇବଣିଆ ବାସୀ

ଜଳେଶ୍ୱର,୧୩।୧୨ (ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧିନସ୍ଥ ବରଡିହା ସେକ୍ସନ ଅନ୍ତର୍ଗତ ଧାନଘେରା ବନାଞ୍ଚଳ ମଧ୍ୟରେ ଥିବା ଆମ୍ବଡୁମ୍ବା ଓ ପ୍ରସାଦସୋଳ ଜଙ୍ଗଲରେ ବୁଧବାର ବିଳମ୍ବିତ ରାତିରେ ୧୦୦ରୁ ଉର୍ଦ୍ଧ୍ୱ ଝାଡ଼ଖଣ୍ଡୀ ହାତୀ ପ୍ରବେଶ କରିଥିଲେ। ହାତୀପଲ ଧାନକ୍ଷେତରେ ପଶି ପାଚିଲାଧାନକୁ ଖାଇ ନଷ୍ଟ କରି ଉଜାଡ଼ି ଦେଉଛନ୍ତି। ଏହାସହିତ ଲୋକଙ୍କ ଘରେ ପଶି ମଧ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ବସବାସ କରୁଥିବା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗୁରୁବାର ଧାନଘେରା ଫରେଷ୍ଟର ତପନ କୁମାର ସିଂ ଙ୍କ ନେତୃତ୍ୱରେ ୨ ଟି ଟିମ୍ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଉକ୍ତ ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ହାତୀପଲ ମଧ ଆମ୍ବଡୁମ୍ବା ଜଙ୍ଗଲରୁ ପଳାଇଯାଇଥିଲେ। ତେବେ ସନ୍ଧ୍ୟା ସମୟରେ ଉକ୍ତ ହାତୀପଲ ପୁଣି ଫେରି ଆସିଥିବାକୁ ନେଇ ବନବିଭାଗ ତଥା ଗ୍ରାମବାସୀ ବେଶ ଚିନ୍ତିତ ହୋଇ ପଡ଼ିଛନ୍ତି। ବନବିଭାଗ ତରଫରୁ ହାତୀପଲଙ୍କୁ ଘଉଡ଼ାଇବା ଲାଗି ଦୃଢ଼ ପଦକ୍ଷେପ ନେବା ନିମନ୍ତେ ବିଭିନ୍ନ ମହଲ ରୁ ଦାବି ହୋଇଛି।

# ସହାୟତା ଆଶାରେ ପରିବାର ଜିଲା ପ୍ରଶାସନର ଦ୍ୱାରସ୍ଥ

ବାଲେଶ୍ୱର ଅଫିସ,୧୩।୧୨

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନମଣ୍ଡଳୀ ଗଣ୍ଡର୍ଦା ପଞ୍ଚାୟତ ଶଙ୍କରପୁର ଗ୍ରାମର ସନ୍ତୋଷ କୁମାର ମହାନ୍ତି (୨୬) ଗତ ୪ ତାରିଖରେ ବୁଢ଼ାବଳଙ୍ଗ ନଦୀ ଗଣ୍ଡରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସେ ପରିବାରର ଥିଲେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କ ମୃତ୍ୟୁ ପରେ ପରିବାର ଲୋକ ଅସହାୟ ହୋଇ ସହାୟତା ଆଶାରେ ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଘଟଣା ଦିନ ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ସନ୍ତୋଷଙ୍କ ସ୍ତ୍ରୀ ଓ ୩ବର୍ଷର ଗୋଟିଏ ଝିଅ, ବୃଦ୍ଧା ମା' ଓ ସାନଭାଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଆର୍ଥିକ ସହାୟତା ପ୍ରଦାନ କରିବା ସକାଶେ ନିବେଦନ କରିଛନ୍ତି। ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

# ବିବାଦ ତୁଟିଲାନି, ଥାନାକୁ ଗଲା

ବାଲିଆପାଳ,୧୩।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ କଙ୍କଡ଼ାପାଳ ଗ୍ରାମର କେତେକ ଲୋକ ସଂଗଠିତ ହୋଇ ଜଣେ ଯୁବକଙ୍କ ଚିଙ୍ଗୁଡ଼ି ଫାର୍ମ ଅଫିସ ଭଙ୍ଗାରୁଜା କରିବା ଘଟଣାର ୨ ସପ୍ତାହ ପର ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ( ନଂ. ୩୨୫/୧୮) ରୁଜୁ କର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ ଗତ ମାସ ୨୬ ତାରିଖରେ କଙ୍କଡ଼ାପାଳ ଗ୍ରାମର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସ୍ଥାନୀୟ ମହାଦେବ ମଣ୍ଡପ ଠାରେ ଏକ ବୈଠକ କରି ଚିଙ୍ଗୁଡି ଫାର୍ମ ସମସ୍ୟା ନେଇ ଆଲୋଚନା କରିଥିଲେ। ବୈଠକ ଶେଷରେ ସେମାନେ ବିଭିନ୍ନ ସ୍ଲୋଗାନ ଦେଇ ଚିଙ୍ଗୁଡି ଫାର୍ମ କାର୍ଯ୍ୟାଳୟରେ ପଶି ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ସେମାନଙ୍କ ଆକ୍ରମଣରେ ଫାର୍ମର ୪ କର୍ମଚାରୀ ଆହତ ହୋଇଥିଲେ। ଗାଁ ଲୋକେ ସେମାନଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଘଟଣା ଦିନ ଫାର୍ମ ମାଲିକ ସପନ ମହାନ୍ତି ବାହାରେ ଥିବାରୁ ପରଦିନ ଆସି ଗ୍ରାମବାସୀଙ୍କ ଜରିଆରେ ଏହାର ସମାଧାନ ଉଦ୍ୟମ କରିଥିଲେ। କିନ୍ତୁ ସମାଧାନର ବାଟ ନ ବାହାରିବାରୁ ସେ ଗତ ମଙ୍ଗଳବାର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୌମୁଖ ଠାରେ ନିର୍ମାଣାଧୀନ ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟକୁ ସେ ସମର୍ଥନ କରୁଥିବାରୁ ତାଙ୍କ କାର୍ଯ୍ୟାଳୟରେ ଏଭଳି ଭଙ୍ଗାରୁଜା କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# କାଳୀ ମଣ୍ଡପ ନିର୍ମାଣ ଲାଗି ଭୂମିପୂଜା

ବାସୁଦେବପୁର, ୧୩।୧୨ (ଡି.ଏନ.ଏ.)

ବାସୁଦେବପୁର ଟ୍ରାଫିକ ଛକଠାରେ ଆମ କାଳୀ ପୂଜା କମିଟି ପକ୍ଷରୁ ମା' କାଳୀଙ୍କ ସ୍ଥାୟୀ ମଣ୍ଡପ ନିର୍ମାଣ ଲାଗି ଗୁରୁବାର ଭୂମିପୂଜା କରାଯାଇଛି। ବାସୁଦେବପୁର ଥାନା ଆଇଆଇସି ଉମାଶଙ୍କର ନାୟକ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଭୂମି ପୂଜା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯୁବନେତା ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଅସିତ ଦାଶ, ପୂଜା କମିଟି ସଭାପତି କିଶୋର କୁମାର ମହାପାତ୍ର, ସମ୍ପାଦକ ମାଧବ ଚନ୍ଦ୍ର ପୁହାଣଙ୍କ ସମେତ ଅଜୟ କୁମାର ବାରିକ, ବିଜୟ କୁମାର ମହାନ୍ତି, ଉମାକାନ୍ତ ଦାଶ, ଦିନବନ୍ଧୁ ବେହେରା ଓ ତାଙ୍କ ସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ଲୋକେ ଉପସ୍ଥି ଥିଲେ।

# ସରୋଜ ହେଲେ କୃଷକମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ

ବନ୍ତ,୧୩।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ସେଣ୍ଡିରା ପଞ୍ଚାୟତର ଭାଜପା ଯୁବନେତା ସରୋଜ କୁମାର ମଲ୍ଲିକ ଭାଜପା କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶିବାଜୀ ମହାନ୍ତି, କେନ୍ଦ୍ରୀୟ ଉପସଭାପତି ମହେଶ୍ୱର ସାହୁ, ଉପସଭାପତି ଶଙ୍କର୍ଷଣ ଜେନା, ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳ, ସମୀର ପାତ୍ରଙ୍କ ଉପସ୍ଥିତିରେ ସରୋଜଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରୂପେ ଚୟନ କରାଯାଇଛି। ତାଙ୍କର ଏହି ନିଯୁକ୍ତି ପରେ ସେ ବନ୍ତ ଅଞ୍ଚଳ କୃଷକଙ୍କ ସମସ୍ୟା ପାଇଁ ଲଢ଼େଇ ଜାରି ରଖିବେ ବୋଲି କହିଛନ୍ତି। ଏହି ନିଯୁକ୍ତିକୁ ଜିଲା ସଭାପତି ମଙ୍ଗରାଜ ନାୟକ, ଉପସଭାପତି ରଥ ବେହେରା, ସାଧାରଣ ସମ୍ପାଦକ ଅଲେଖ ଦାସ ଓ ଅଜୟ ମହାପାତ୍ର ପ୍ରମୁଖ ସ୍ୱାଗତ କରିଛନ୍ତି।

# ରାଜ୍ୟସ୍ତରୀୟ ବିଜ୍ଞାନମେଳା ବାଲେଶ୍ୱରରୁ ୬ ଶିଶୁ ବୈଜ୍ଞାନିକ ଚୟନ

ଜଳେଶ୍ୱର,୧୩।୧୨ (ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ସହର ନୂଆବଜାର ସ୍ଥିତ ଜଳେଶ୍ୱର ନୋଡ଼ାଲ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆକର୍ଷିତ ପ୍ରକଳ୍ପକୁ ସାମିଲକରି ୧୧୮ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୬ ଜଣ କୃତୀ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ବିଜ୍ଞାନମେଳାକୁ ଚୟନ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବାଲେଶ୍ୱର ସଦର ପଞ୍ଚାୟତ ଅନ୍ତର୍ଗତ ଫୁଲୱାର କସବା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ବ୍ରହ୍ମସ୍ୱରୂପ ମିଶ୍ର, ସୁଗୋ ପଞ୍ଚାୟତସ୍ଥିତ ସୁଗୋ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ସଞ୍ଚିତା ପ୍ରଧାନ, ଔପଦା ବ୍ଲକ ଈଶ୍ୱରପୁର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ସସ୍ମିତା ପରିଡ଼ା, ସିମୁଳିଆ ବ୍ଲକ ମାର୍କୋଣା ଉଚ୍ଚ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁନିତାରାଣୀ ଜେନା, ସୋର ବ୍ଲକ ବଡ଼ଖୁରି ୟୁଜିୟୁପି ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଦିନେଶ ଘଡ଼ାଇ,ବାଲିଆପାଳ ବ୍ଲକ ଏସଆର ସରକାରୀ ଉଚ୍ଚ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଦିବ୍ୟପ୍ରକାଶ ଦାସ ପ୍ରମୁଖ ଅଛନ୍ତି। ବୁଧବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଜଳେଶ୍ୱର ବିଡିଓ ନିତ୍ୟାନନ୍ଦ ସାହୁ, ବ୍ଲକ ଅଧ୍ୟକ୍ଷା ସବିତାରାଣୀ ଦଳାଇ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଜଳେଶ୍ୱର ବିଇଓ ବିଜୟ କୁମାର ନାଥ, ପ୍ରଧାନଶିକ୍ଷକ ଗଜେନ୍ଦ୍ରନାଥ ନାୟକ, ସୁନୀଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।


ଅତିଥିଙ୍କ ଉପସ୍ଥିତିରେ ଭଲିବଲ୍‌କୁ ସର୍ଭିସ୍ କରି ଜିଲାପାଳ ରମେଶ ଚନ୍ଦ୍ର ରାଉତ ଖେଳକୁ ଆରମ୍ଭ କରିଥିଲେ।

# ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ସେମିଫାଇନାଲରେ ସଦର, ରେମୁଣା, ଭୋଗରାଇ, ଜଳେଶ୍ୱର

ବାଲେଶ୍ୱର ଅଫିସ,୧୩।୧୨

**୧୬ରେ ଫାଇନାଲ**

ବାଲେଶ୍ୱର ଖ୍ରୀଷ୍ଟିଆନ୍ ପଡ଼ିଆରେ ବିଜୁ ଯୁବ ବାହିନୀ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ପୂର୍ବାହ୍ନ ୧୧ଟାରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ଏବଂ ଜିଲାପାଳ ରମେଶ ଚନ୍ଦ୍ର ରାଉତ ମିଳିତ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ବ୍ଲକର ଚାମ୍ପିୟନ ଟିମ୍ ଭାଗ ନେଇଥିଲେ। ସଦର, ରେମୁଣା, ଭୋଗରାଇ, ଜଳେଶ୍ୱର ଭଲିବଲ ଟିମ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେମିଫାଇନାଲ ଖେଳ ଅନୁଷ୍ଠିତ ହେବାକୁ ଥିବାବେଳେ ୧୬ ତାରିଖ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି।

ମୁଖ୍ୟଅତିଥି ଭାବେ ସଦର ବିଧାୟକ ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ରାଜ୍ୟର ବିଭିନ୍ନ ପଞ୍ଚାୟତରୁ ଜିଲାସ୍ତର ପର୍ଯ୍ୟନ୍ତ ଗତ ନଭେମ୍ବର ୫ ତାରିଖରୁ ଆରମ୍ଭ ହୋଇଛି। ଏହି ଯୋଜନାରେ ମିନି ମାରାଥନ୍, ୧୦୦-୨୦୦-୩୦୦ ମିଟର ଦୌଡ଼ ପରେ ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରିବା କ୍ରୀଡ଼ାବିତ୍‌ଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ବୋଲି ପ୍ରକାଶ କରିଥିଲେ। ଏଥିପାଇଁ ପ୍ରତି ବ୍ଲକକୁ ୮୦ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦେବା ସହ ଜିଲାସ୍ତରରେ ଆବଶ୍ୟକ ଅର୍ଥ ଖର୍ଚ୍ଚ କରାଯିବାର ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୬ ତାରିଖ ଗାନ୍ଧୀ ସ୍ମୃତି ଭବନଠାରେ ଜିଲା ଯୁବ ସମାବେଶ ଆୟୋଜନ ପୂର୍ବକ ଏହି କାର୍ଯ୍ୟକ୍ରମ ଉଦ୍‌ଯାପନ କରାଯିବାର ବିଜୁ ଯୁବ ବାହିନୀ ଜିଲା ସଂଯୋଜକ ବିଶ୍ୱମ୍ବର ନାରାୟଣ ପ୍ରହରାଜ ସୂଚନା ଦେଇଛନ୍ତି। ଉକ୍ତ ଖେଳର ଉଦ୍‌ଘାଟନ ଦିବସରେ ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବାସ ଚନ୍ଦ୍ର ନିଆଲ, ଖ୍ରୀଷ୍ଟିଆନ୍ ହାଇସ୍କୁଲର ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

DADLS-219

ରାଜ୍ୟସ୍ତରୀୟ
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ
ଜୟନ୍ତୀ ସମାରୋହ
୧୪ ଡ଼ିସେମ୍ବର, ୨୦୧୮



ସମୟ - ସକାଳ ଘ.୮ .୩୦ମି.
ଜୟଦେବ ବିହାର ଛକସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ ।

ସାଧାରଣ ସଭା
ସମୟ - ସନ୍ଧ୍ୟା ୬ ଘଟିକା
ସ୍ଥାନ - ଜୟଦେବ ଭବନ

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା, ମାନ୍ୟବର ଅର୍ଥ ଓ ଅବକାରୀ ମନ୍ତ୍ରୀ
ସମ୍ମାନିତ ଅତିଥି - ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ
- ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ, ମାନ୍ୟବର ବିଧାୟକ ତଥା ସ୍ମୃତି ସଂସଦର ସଭାପତି
ମୁଖ୍ୟ ବକ୍ତା - ପ୍ରାଧାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର, ବିଶିଷ୍ଟ ଗ୍ରନ୍ଥକାର ଓ ପ୍ରାବନ୍ଧିକ
ଧନ୍ୟବାଦ ଅର୍ପଣ - ଡ଼ାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ସ୍ମୃତି ସଂସଦର ସମ୍ପାଦକ

ମୁଖ୍ୟ ଅତିଥିଙ୍କ ଦ୍ୱାରା ବକ୍ତୃତା ଓ ପ୍ରବନ୍ଧ ପ୍ରତିଯାଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ଭଜନ ଏକାମ୍ର ଜ୍ୟୋତି ଅନୁଷ୍ଠାନର ସଙ୍ଗୀତ ନିର୍ଦ୍ଦେଶକ ଦୀନବନ୍ଧୁ ମଲିଆ, ବିଶିଷ୍ଟ ଗାୟିକା ସୋହିନୀ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଅଭୟ ମଲିଆ, ମଳୟ ରଞ୍ଜନ ମହନ୍ତ, ନିର୍ମଳା ସୁବୁଦ୍ଧି, ଶକୁନ୍ତଳା ବିଶ୍ୱାଳ, ଅଜୟ, ଶିଶୁ ପ୍ରତିଭା ଶ୍ରୀବାଲି ଦାସ ଓ ରିତୁପର୍ଣ୍ଣା ନନ୍ଦଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0494/1819

## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

**ସୋର, ୧୩।୧୨(ଡି.ଏନ୍.ଏ.):** ସୋର ବ୍ଲକ ନଦୀଗାଁ ମହୁଁମୁହାଁଣ ସାଜନପୁର ଓ ସୋର ଉତ୍ତରେଶ୍ୱର ସମବାୟ ସମିତିରେ ଧାନକିଣା ଆରମ୍ଭ ହୋଇଛି। ନଦୀଗାଁ ସମିତି ପାଇଁ ୮୧୪୯ କୁଇଣ୍ଟାଲ, ସାଜନପୁର ସମିତିକୁ ୭୩୪୪କୁଇଣ୍ଟାଲ, ଉତ୍ତରେଶ୍ୱର ସମିତିକୁ ୧୦୪୧୪କୁଇଣ୍ଟାଲ, ମହୁମୁହାଁଣ ସମିତିକୁ ୩୯୦୨ କୁଇଣ୍ଟାଲ ଧାନ କ୍ରୟ କରାଯିବ। ସୋର କୋ-ଅପ୍‌ରେଟିଭ୍ ବ୍ୟାଙ୍କର ଏରିଆ ଅଫିସର ସଞ୍ଜିବ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଏହି ଧାନ ମଣ୍ଡି ଖୋଲିଛି।

### ଅଗ୍ନିବିପନ୍ନଙ୍କୁ ସହାୟତା



**ବାଲେଶ୍ୱର ଅଫିସ,୧୩।୧୨:** ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଶାସଙ୍ଗ ଗ୍ରାମର ହରିହର ଯେନା ଓ ମନୋରଞ୍ଜନ ଯେନାଙ୍କର ୩ବଖରା ବିଶିଷ୍ଟ ବାସଗୃହ ଗତ ୧୦ ତାରିଖରେ ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏଥିରେ ଗୋରୁଗୁହାଳ ସହିତ ଗାଈଗୋରୁ ପୋଡ଼ି ଯାଇଥିଲେ। ଆନୁମାନିକ ଦେଢ଼ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିଲା। ଖବର ପାଇ ସ୍ଥାନୀୟ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ସେଠାରେ ପହଞ୍ଚି ପୋଡ଼ି ଯାଇଥିବା ଘର ପରିଦର୍ଶନ କରି ତମ୍ବୁ ଓ କମ୍ବଳ ନିଜ ହାତରୁ ଗୃହକର୍ତ୍ତାଙ୍କୁ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ସରକାରୀ ସାହାଯ୍ୟ କିପରି ପାଇବେ ସେଥିପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଛଚିନ୍ଦ୍ର ମହାନ୍ତି, ବୁଧିରାମ ଯେନା, ପ୍ରଫୁଲ୍ଲ ଦ୍ୱିବେଦୀ, କମଳାକାନ୍ତ ମଲ୍ଲିକ, ଶରତ ଚନ୍ଦ୍ର ବାରିକ, କୃପାସିନ୍ଧୁ ଦାସ, କାର୍ତ୍ତିକ ଦାସ, ଭୁଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ଉତ୍ସବ

**ରେମୁଣା,୧୩।୧୨(ଡି.ଏନ.ଏ.):** ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ରେମୁଣା ବ୍ଲକର ୩୭ତମ ବାର୍ଷିକ ଶିଶୁ ଉତ୍ସବ ଗଙ୍ଗାଧର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀପୁରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଶ୍ମିରେଖା ବେହେରା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଗାଳ୍ପିକ ଅଞ୍ଜନ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜରେ ଡାକ୍ତର, ଇଞ୍ଜିନିୟରମାନଙ୍କ ଠାରୁ ଜଣେ ଭଲ ମଣିଷର ଆବଶ୍ୟକତା ଅଧିକ ରହିଛି ବୋଲି କହିଥିଲେ। ବ୍ଲକ ସଭାପତି ଲକ୍ଷ୍ମଣ କୁମାର ସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ସମ୍ପାଦକ ଶ୍ୟାମସୁନ୍ଦର ଜେନା ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ହଳଦୀପଦା ସମ୍ପାଦକ ହରିପଦ ଭୂୟାଁ, ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଦତ୍ତ, ଶ୍ରୀନିବାସ ପ୍ରଧାନ ଓ ପ୍ରାକ୍ତନ ଛାତ୍ର ଦିଲୀପ କୁମାର ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରମୋଦ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ହାଇସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ସେମାନଙ୍କ ଗାଇଡ୍ ଟିଚର୍‌ଙ୍କ ସହିତ ଉପସ୍ଥିତ ଥିଲେ। ତର୍କ, ଗଳ୍ପ ଲିଖନ, କବିତା ରଚନା, ଚିତ୍ରାଙ୍କନ ପ୍ରଭୃତି ୧୦ଟି ବିଭାଗରେ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ହୋଇଥିବା ପ୍ରତିଯୋଗୀ ଆଗାମୀ ୨୨ ଓ ୨୩ ତାରିଖରେ ଖଇରା ବ୍ଲକ ବର୍ତ୍ତନା ହାଇସ୍କୁଲରେ ଜିଲା ଶିଶୁ ଉତ୍ସବରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହିତ ପୁରସ୍କୃତ କରାଯାଇଥିଲା।

### ସୂର୍ଯ୍ୟ ନମସ୍କାର ଶିଖିଲେ ଛାତ୍ରୀଛାତ୍ର



**ଖଇରା,୧୩।୧୨ (ଡି.ଏନ.ଏ.):** ଖଇରା ବ୍ଲକ ଡୁଙ୍ଗୁରା ଦର୍ଶନ ପ୍ରସାଦ ନୋଡାଲ ବିଦ୍ୟାଳୟରେ ଗୁରୁବାର ସୂର୍ଯ୍ୟ ନମସ୍କାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପତଞ୍ଜଳି ଶାଖାର ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଏଥିରେ ଯୋଗ ଦେଇ ଶରୀରକୁ ନିରୋଗ ରଖିବାକୁ ହେଲେ ପ୍ରତ୍ୟହ ସୂର୍ଯ୍ୟ ନମସ୍କାରର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ପରେ ପ୍ରଧାନଶିକ୍ଷକ ନିର୍ମଳକାନ୍ତ ପଣ୍ଡା ଓ ଖେଳଶିକ୍ଷୟିତ୍ରୀ ବନ୍ଦନା ବେହେରା ଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ସୂର୍ଯ୍ୟ ନମସ୍କାର କୌଶଳ ଶିଖିଥିଲେ।

# ଭୋଗରାଇ ଜନସଭା ଉପରେ ସଭିଙ୍କ ଆଖି

**ଭୋଗରାଇ,୧୩।୧୨(ଡି.ଏନ.ଏ.)**

- ଜନ ପରାମର୍ଶ ପଦଯାତ୍ରା ଉଦ୍‌ଯାପନ ଆଜି
- ଆସୁଛନ୍ତି ଧର୍ମେନ୍ଦ୍ର, ନେତା ଓ କର୍ମୀଙ୍କୁ ଫୁଙ୍କିବେ ମନ୍ତ୍ର
- ହେଲିପ୍ୟାଡ ମଇଦାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ଛକ ଜାଗାରେ ଛାଇ ଯାଇଛି ଟିକେଟ ଆଶାୟୀଙ୍କ ହୋର୍ଡିଂ



ଭାଜପା ନେତାମାନେ ଭୋଗରାଇ ଥାନାଛକ ହେଲିପ୍ୟାଡ଼ ପଡ଼ିଆ ପରିଦର୍ଶନ କରୁଛନ୍ତି।

ଭାଜପା ପକ୍ଷରୁ ଗତ ମାସ ୧୧ ତାରିଖରୁ ବାଲେଶ୍ୱରଜିଲାରେଆରମ୍ଭହୋଇଥିବା ଜନ ପରାମର୍ଶ ପଦଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହେବ। ଏଥି ସକାଶେ ଭୋଗରାଇରେ ବିରାଟ ଜନସଭା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଯାପନ ସମାରୋହକୁ ଆସୁଥିବାରୁ ଭାଜପା କର୍ମୀ ଏହାକୁ ସଫଳ କରିବା ସକାଶେ ପ୍ରାଣପଣେ ଲାଗି ପଡ଼ିଛନ୍ତି। ଦଳରେ ଥିବା ଗୋଷ୍ଠୀକନ୍ଦଳକୁ ଦୃଷ୍ଟିରେ ରଖି ଗତ ୧୧ ତାରିଖରେ ୩ ଜଣ ସ୍ଥାନୀୟ ନେତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନିଆଯାଇଛି। ଅନ୍ୟପକ୍ଷେ ୫ ରାଜ୍ୟରେ ହୋଇଥିବା ନିର୍ବାଚନରେ ଭାଜପାର ବିପର୍ଯ୍ୟୟ କର୍ମୀଙ୍କ ମନୋବଳ ଭାଙ୍ଗିଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସେମାନଙ୍କୁ ମନ୍ତ୍ର ଫୁଙ୍କିବେ ବୋଲି ଚର୍ଚ୍ଚା ହେଉଛି।

ଭାଜପାର ଏହି କାର୍ଯ୍ୟକ୍ରମ ରାଜନୈତିକ ସ୍ତରରେ ହଟଚମଟ ସୃଷ୍ଟି କରିଛି। ଜନସମ୍ପର୍କ ପଦଯାତ୍ରା ବେଳେ ସଂଗ୍ରହ କରାଯାଇଥିବା ମତାମତ ଅନୁଯାୟୀ ଆଗାମୀ ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରାଯିବ। ଏହାଛଡ଼ା ଦଳ ପକ୍ଷରୁ ଏଠାରେ ପ୍ରଚାର ଅଭିଯାନର ଶୁଭାରମ୍ଭ ହେବ ବୋଲି କୁହାଯାଉଛି। ଏନେଇ ଉଭୟ କଂଗ୍ରେସ ଓ ବିଜେଡି ସେମାନଙ୍କ କର୍ମୀଙ୍କୁ ସତର୍କ କରାଇଥିବା ଜଣାପଡ଼ିଛି। କୌତୂହଳର ବିଷୟ ଯେ, ଦଳୀୟ ଟିକେଟ ପାଇଁ ଲବି ଚଳାଇଥିବା ବହୁ ଭାଜପା ନେତାଙ୍କ ହୋର୍ଡିଂ ଥାନାଛକ ଆଖପାଖରେ ଛାଇ ଯାଇଛି। କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୋଗରାଇରେ ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

ଭାଜପା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୯ଟାରେ ହେଲିକପ୍ଟର ଯୋଗେ ଆସି ଭୋଗରାଇ ଥାନାଛକ ହେଲିପ୍ୟାଡ ମଇଦାନରେ ଅବତରଣ କରିବେ। ସେଠାରୁ କାର୍ ଯୋଗେ ୧ କି.ମି. ଦୂର ଗୋବର୍ଦ୍ଧନପୁର ହନୁମାନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଉଦ୍‌ଯାପିତ ହେବାକୁ ଥିବା ଜନ ପରାମର୍ଶ ପଦଯାତ୍ରାରେ ସାମିଲ ହେବେ। ପଦଯାତ୍ରା ହେଲିପ୍ୟାଡ ମଇଦାନରେ ପହଞ୍ଚିବା ପରେ ଜନସଭା ଅନୁଷ୍ଠିତ ହେବ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହିତ ଭାଜପାର ରାଜ୍ୟ ହେଭିୱେଟ୍ ନେତାମାନେ ସଭାରେ ଯୋଗଦେବେ ଜଣାପଡ଼ିଛି। ଭୋଗରାଇ ନିର୍ବାଚନ ମଣ୍ଡଳୀର ୬ ମଣ୍ଡଳ ସଭାପତିଙ୍କ ସମେତ ୫୦ ପଞ୍ଚାୟତର ଛାମୁଆ ନେତା ସଭାକୁ ଲୋକ ଆଣିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ସ୍ଥାନୀୟ ଭାଜପା ନେତା ପରେଶ ଚନ୍ଦ୍ର ନାୟକ, ସଞ୍ଜୀବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ସତ୍ୟବ୍ରତ ଜେନା, ସୁନିଲ କୁମାର କର, ଅମଳେନ୍ଦୁ ଦାସ, ଭଗୀରଥ ପୃଷ୍ଟି ପ୍ରମୁଖ ବିଭିନ୍ନ ଦାୟିତ୍ୱରେ ରହିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ ଆବଶ୍ୟକ ସଂଖ୍ୟାରେ ଲୋକେ ଆସିବେ କି ନାହିଁ ତାହା ଚିନ୍ତା ବଢ଼ାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ବୁଧବାର ଭୋଗରାଇ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଗୁରୁବାର ଅନେକ ନେତା ମଧ୍ୟ ହେଲିପ୍ୟାଡ ମଇଦାନ ବୁଲି ଦେଖିଛନ୍ତି।

### କେନ୍ଦ୍ର ସୁରକ୍ଷା ବଳ ହେଲିକପ୍ଟର ଚକ୍କର କାଟି ଫେରିଲା

କେନ୍ଦ୍ରମନ୍ତ୍ରୀଙ୍କ ସଭାରେ ସୁରକ୍ଷା ବ୍ୟବସ୍ଥା ତଦାରଖ ଲାଗି କେନ୍ଦ୍ର ସୁରକ୍ଷା ବଳର ଏକ ହେଲିକପ୍ଟର ଗୁରୁବାର ପୂର୍ବାହ୍ନରେ ଆସି ସ୍ଥାନୀୟ ଥାନାଛକ ହେଲିପ୍ୟାଡ୍ ଆକାଶମାର୍ଗରୁ ପରିଦର୍ଶନ କରି ଫେରିଛି। ସ୍ଥାନୀୟ ପୋଲିସ ଓ ପ୍ରଶାସନ ପକ୍ଷରୁ ଜନସଭା ଓ ପଦଯାତ୍ରା ବେଳେ ୫ ପ୍ଲାଟୁନ ଫୋର୍ସ ସହ ୧୨ ଅଫିସର, ୨୦ ଟ୍ରାଫିକ୍ ପୋଲିସ ମୁତୟନ ରହିବେ। ତାଳସାରୀ ମେରାଇନ୍ ଥାନା, ଜଳେଶ୍ୱର, ବସ୍ତା ଓ ବାଲିଆପାଳ ଥାନା ଅଧିକାରୀଙ୍କ ସମେତ ଜଳେଶ୍ୱର ଏସ୍‌ଡ଼ିପିଓ ତଦାରଖ ଦାୟିତ୍ୱରେ ରହିବେ । ଆବଶ୍ୟକ ହେଲେ ଜିଲାସ୍ତରରୁ ଅଧିକ ଫୋର୍ସ ମୁତୟନ କରାଯାଇ ପାରେ ବୋଲି ଭୋଗରାଇ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସ ସୂଚନା ଦେଇଛନ୍ତି।



ଗାନ୍ଧୀ ସେବା ସଂଘ ପୁରୁବାଇ କନ୍ୟାଶ୍ରମରେ କେନ୍ଦ୍ରୀୟ ଟିମ୍‌ର ସଦସ୍ୟ ତଦନ୍ତ କରୁଛନ୍ତି।

# ପୁରୁବାଇ କନ୍ୟାଶ୍ରମରେ ଚଢ଼ାଉ

**ସୋର, ୧୩।୧୨(ଡି.ଏନ.ଏ.)**

ସୋର ସହର ଅନ୍ତର୍ଗତ ଗାନ୍ଧୀ ସେବା ସଂଘ ପୁରୁବାଇ କନ୍ୟାଶ୍ରମରେ ବୁଧବାର ଅପରାହ୍ନରେ ଜାତୀୟ ଶିଶୁ ସୁରକ୍ଷା ଅଧିକାର କମିଶନ କର୍ତ୍ତୃପକ୍ଷ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚଢାଉ କରାଯାଇଥିଲା। ଏହି କନ୍ୟାଶ୍ରମରେ ୨୧୦ ଜଣ ଅନ୍ତେବାସିନୀ ରହିଛନ୍ତି। ଅଧିକାରୀମାନେ ପହଞ୍ଚି ଶିଶୁର ସୁରକ୍ଷା, ଖାଦ୍ୟ, ଶିକ୍ଷାଦାନ, ରହିବା ଆଦି ନେଇ ଅନ୍ତେବାସୀମାନଙ୍କୁ ପଚାରି ବୁଝିଥିଲେ। ଏଥି ସହିତ ରେକର୍ଡପତ୍ର ଯାଞ୍ଚ କରିଥିଲେ। କେନ୍ଦ୍ରୀୟ ବିଭାଗୀୟ ଶିଶୁ ସୁରକ୍ଷା କମିସନର ରେଜିଷ୍ଟାର ମିଷ୍ଟର ସାନିଆଲଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ବିଭାଗିୟ ୟୁନିଟ୍ ଅଧିକାରୀ ଜଗନ୍ନାଥ ପତି, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଭାଗିରଥୀ ବାରିକ, ଶିଶୁ ସୁରକ୍ଷା ସମିତି ସଦସ୍ୟ ମନୋଜ କୁମାର ସେନାପତି, ସତ୍ୟ ରଞ୍ଜନ ସ୍ୱାଇଁ, ମୁକ୍ତିକାନ୍ତ ପଣ୍ଡା, ସଂଯୁକ୍ତା ରାଉତ, ପୁଷ୍ପଲତା ଜେନା ଓ ଗୌରୀ ରାଣୀ ଉପାଧ୍ୟାୟ ପ୍ରମୁଖ ଏହି ଯାଞ୍ଚରେ ସାମିଲ ଥିଲେ। କନ୍ୟାଶ୍ରମର ରେଜିଷ୍ଟ୍ରେସନ୍ , ପରିଚାଳନା କମିଟି, ଆର୍ଥିକ ଦେଣନେଣ, ସ୍ୱଚ୍ଛତା, ଖାଦ୍ୟପେୟ ସହ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ଟିକ୍‌ନିକ୍ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ କନ୍ୟାଶ୍ରମ ସମ୍ପାଦିକା ସୁମତୀ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୨ ମହିଳାଙ୍କ ସମେତ ୩ ମଦ ବେପାରୀ ଗିରଫ

**ରୂପ୍‌ସା,୧୩।୧୨(ଡି.ଏନ.ଏ.)**



ଜବତ ମଦ ସହ ଗିରଫ ଅଭିଯୁକ୍ତ।

ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ତତ୍ପରତା ନ ଥିବା ଅଭିଯୋଗ ମୁତାବକ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଛି। ବସ୍ତା ଅବକାରୀ ଉପନିରୀକ୍ଷକ ଅର୍ଜୁନ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ୨ ମହିଳାଙ୍କ ସମେତ ୩ ଜଣ ମଦ ବେପାରୀଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲେ। ଗିରଫ ଅଭିଯୁକ୍ତ ହେଲେ ବାହାବଳପୁରର ଅଞ୍ଜଳି ମାଝି, ଦୁବୁଲାଗଡ଼ିର ଛବି ସିଂ ଓ ରଙ୍ଗାମାଟିଆର ଅଜୟ ସିଂ। ସେମାନଙ୍କ ଠାରୁ ୫୨ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ୩ଟି ପୃଥକ ମାମଲା (ନଂ ୬୯/୧୮, ୭୦/୧୮, ୭୧/୧୮) ରୁଜୁ ହୋଇ କୋର୍ଟ ଚାଲାଣ କରାଯାଇଛି। ଏହି ଅଞ୍ଚଳରେ ଦୀର୍ଘଦିନ ଧରି ଚୋରା ମଦ କାରବାର ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ମଦ ବ୍ୟବସାୟୀ ବନ୍ଦ ଦିଗରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରା ନ ଗଲେ ମହିଳା ସଙ୍ଗଠନ ତରଫରୁ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

# ୨୨ ଦଫା ଦାବିପତ୍ର ପ୍ରଦାନ, ଆଲୋଚନା

**ବାଲେଶ୍ୱର ଅଫିସ,୧୩।୧୨**



ଇସ୍ପାତ ମଜଦୁର ସଭା ତରଫରୁ ବାଲେଶ୍ୱର ଆଲୟେଜ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ।

ବାଲେଶ୍ୱର ରେମୁଣା ସ୍ଥିତ ବାଲେଶ୍ୱର ଆଲୟେଜ କର୍ତ୍ତୃପକ୍ଷଙ୍କୁ ୨୨ ଦଫା ଦାବିପତ୍ର ଇସ୍ପାତ ମଜଦୁର ସଭା ପକ୍ଷରୁ ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଗୁରୁବାର ମଧ୍ୟାହ୍ନରେ ପ୍ରଦାନ କରାଯାଇଛି।

ବାଲେଶ୍ୱର ଆଲୟେଜ୍‌ର ମୁଖ୍ୟ ପରିଚାଳକ ଅନିଲ ସୁରେଖାଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିଥିଲେ। ଆସନ୍ତା ଜାନୁୟାରୀ ୧ ତାରିଖ ସୁଦ୍ଧା ୩ବର୍ଷର ଚୁକ୍ତିନାମାକୁ ନୂତନ କରି କାର୍ଯ୍ୟକାରୀ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକମାନଙ୍କ ସ୍ୱାର୍ଥ ଦୃଷ୍ଟିକୋଣରୁ କମ୍ପାନୀ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ସ୍ଥାନୀୟ ପରିସ୍ଥିତି, କମ୍ପାନୀର ସୁ-ପରିଚାଳନା ଉପରେ ୨୨ଦଫା ଦାବିରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଆଲୋଚନାରେ ବାଲେଶ୍ୱର ଆଲୟେଜ୍ କର୍ତ୍ତୃପକ୍ଷଙ୍କ ତରଫରୁ ଉପ-ସଭାପତି ହରେକୃଷ୍ଣ ସାହୁ, ପର୍ସନାଲ ଅଫିସର ଶିବ ମିଶ୍ର, ୟୁନିଅନ୍ ତରଫରୁ ସାଧାରଣ ସମ୍ପାଦକ ନରହରି ମହାଳିକ, ପିସି ଦାସ, ଶରତ ସାହୁ, ଅଂଶୁମାନ ମଲ୍ଲିକ, ସେଖ ସରୁଜ, ସେକ୍ ସାମସୁଦ୍ଦିନ, ଉମେଶ ବେହେରା, ସୁବିର ଦାସ, ନିରଞ୍ଜନ ଦାସ, ଶରତ ମଲିକ, ଉପେନ୍ଦ୍ର ବାରିକ, କମଳାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀନିବାସ ଜୁନିୟର କଲେଜରେ ଆତ୍ମସୁରକ୍ଷା ତାଲିମ

**ସୋର, ୧୩।୧୨(ଡି.ଏନ୍.ଏ.):** ସୋର ବ୍ଲକ ମଙ୍ଗଳପୁର ଶ୍ରୀନିବାସ ଜୁନିୟର କଲେଜର ୧୨ଦିନିଆ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଂଯୋଜକ ଡ.ପୁଣ୍ୟବ୍ରତ ମହାନ୍ତି, ଅଧ୍ୟାପିକା ନିବେଦିତା ମଲ୍ଲିକ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ନେଇ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଅଧ୍ୟାପକ ପ୍ରମୋଦ କୁମାର ସାହୁ, ବିଜୟ କୁମାର ମହାଳିକ, ଶିକ୍ଷା ଉପଦେଷ୍ଟା ଅନ୍ନପୂର୍ଣ୍ଣା ଜେନା ଟ୍ରେନର ଆଦ୍ୟାଶା ଦାସ ଯୋଗଦେଇଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

**ବାହାନଗା,୧୩।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଅଭଣା ଖେଳପଡିଆରେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ଲକର ୧୪ ଟି ଦଳ ଭାଗ ନେଇଥିଲେ। ଏହି ଖେଳ ରାଜ୍ୟ ସରକାରଙ୍କ ଯୁବ କଲ୍ୟାଣ ପରିଷଦ ଦ୍ୱାରା ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଥିଲା। ଏହି ପ୍ରତିଯୋଗିତାରେ ମହିଳା ଓ ପୁରୁଷ ବିଭାଗର ଶହେ ମିଟର, ଦୁଇଶହ ମିଟର, ୪ଶହ ମିଟର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ଭଲିବଲ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଖେଳକୁ ଆନୁଷ୍ଠନିକ ଭାବେ ବିଡିଓ ନିରଞ୍ଜନ ସାହୁ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ମାନସ କୁମାର ଚୌଧୁରୀ, ଅଭଣା ପଞ୍ଚାୟତର ସରପଞ୍ଚ ଦୟାନିଧି ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରାନ୍ନ ବାରିକ୍, ଖେଳ ଶିକ୍ଷକ ଓ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଯୋଗ ଦେଇ ଖେଳ ପରିଚାଳନା କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗ ଦେଇ କୃତୀ ଲାଭ କରିଥିବା ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। ଏବିଡିଓ ମାନସ କୁମାର ଚୌଧୁରୀ ଉତ୍ସବରେ ସଭାପତିତ୍ୱ କରିଥିଲେ।

### ମୋତିଆବିନ୍ଦୁ ଚିହ୍ନଟ ଶିବିର

**ବାଲିଆପାଳ,୧୩।୧୨(ଡି.ଏନ.ଏ.):** ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ବଡ଼ସିମୁଳିଆଠାରେ ଅଫିସ ପରିସରରେ ଚକ୍ଷୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାର ରଙ୍ଗାମାଟିଆସ୍ଥିତ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଓ ସହାୟକମାନେ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ଆବଶ୍ୟକୀୟ ଔଷଧ ପ୍ରଦାନ କରିଥିଲେ। ଏହି ଶିବିରରେ ୮୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କମଧ୍ୟରୁ ୨୧ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରଙ୍ଗାମାଟିଆ ନିଆଯାଇଛି। କାର୍ଯ୍ୟକ୍ରମକୁ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ସମ୍ପାଦକ ଡାକ୍ତର ବଙ୍କିମ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରାଦେଶିକ, କ୍ଷେତ୍ରୀୟ ଖେଳକୁଦ ସମାରୋହ

**ବାଲେଶ୍ୱର ଅଫିସ,୧୩।୧୨**




ଖେଳକୁଦ ସମାରୋହରେ ମଞ୍ଚାସୀନ ଅତିଥି ଏବଂ ଛାତ୍ରୀଛାତ୍ର।

ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁସାରେ ୩୧ତମ ତ୍ରିଦିବସୀୟ ପ୍ରାଦେଶିକ ଖେଳକୁଦ ସମାରୋହ ଗୁରୁବାର ଅପରାହ୍ନରେ ବାଲେଶ୍ୱର ମାଣିଖମ୍ବ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ପରମିଟ୍ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସୀୟ ଖେଳକୁ ମୁଖ୍ୟଅତିଥି ଭାବେ ଉପଜିଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ମନୋବ୍ରତା ଶତ୍‌ପଥୀ ଯୋଗଦେଇ ଶୁଭ ଉଦ୍‌ଘାଟନ କରି କ୍ରୀଡ଼ା ସମସ୍ତଙ୍କ ନିମନ୍ତେ ଆବଶ୍ୟକ ବୋଲି କହିଥିଲେ। ଏହାଦ୍ୱାରା ବୌଦ୍ଧିକ, ଶାରୀରିକ ଓ ମାନସିକ ବିକାଶ ଘଟାଇଥାଏ। ସମ୍ଭାଗ ସଭାପତି ଧରଣୀ ଧର ମିଶ୍ର ସଭାପତିତ୍ୱ କରିଥିବା ବେଳେ ସମ୍ଭାଗ ସମ୍ପାଦକ ନରୋତ୍ତମ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ଓଡ଼ିଶା ସମ୍ପାଦକ ଡା. ଲକ୍ଷ୍ମୀକାନ୍ତ ମହାରଣା ଉପସ୍ଥିତ ଥିଲେ। ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିକାଶ ସମିତି ଓଡ଼ିଶା ସହ ସଙ୍ଗଠନ ମନ୍ତ୍ରୀ ରମାକାନ୍ତ ମହନ୍ତ ଏବଂ ମାଣିଖମ୍ବ ଶିଶୁ ବିଦ୍ୟାମନ୍ଦିର ସଭାପତି ସୁଧାକର ପାଢ଼ୀ ଯୋଗଦେଇ କ୍ରୀଡ଼ା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ପ୍ରାନ୍ତସ୍ତରୀୟ ଶିକ୍ଷକ ବଳରାମ ସାହୁ ଖେଳକୁଦର ପରିଚାଳନା କରିଥିଲେ। ପ୍ରଥମ ଦିବସରେ ମୋଟ୍ ୨୧୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ଖେଳର ପରିଚାଳିକା/ପରିଚାଳକ ଓ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା ଆଚାର୍ଯ୍ୟାଆଚାର୍ଯ୍ୟ ୩୫୦ ଜଣ ଉପସ୍ଥିତ ଥିଲେ। ଅପରାହ୍ନ ୩ଟାରୁ ଖେଳ ଆରମ୍ଭ ହୋଇ ୫ଟାରେ ଶେଷ ହୋଇଥିଲା। ଉକ୍ତ ଦିବସରେ ୬୦୦ ମିଟର ଓ ୮୦୦ ମିଟର ଦୌଡ଼ ପ୍ରତିଯୋଗିତା ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

# 'ଶାରିରୀକ, ମାନସିକ ବିକାଶ ଆଣେ କ୍ରୀଡ଼ା'

**ସିମୁଳିଆ,୧୩।୧୨(ଡି.ଏନ.ଏ.)**

ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିରର ବିଂଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ବଣା ମିନି ଷ୍ଟାଡ଼ିୟମ ପରିସରରେ ଉଦ୍‌ଯାପିତ ହୋଇଛି। ଗତ ୪ଦିନ ବ୍ୟାପୀ ବିଭିନ୍ନ ବିଭାଗରେ ଦୌଡ଼, ଦିଆଁ, ମ୍ୟୁଜିକ ଚେୟାର, ଗଣିତ ଦୌଡ଼, ଆଳୁ ଦୌଡ଼ ଇତ୍ୟାଦି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କାନାରା ବ୍ୟାଙ୍କର ଶାଖା ପରିଚାଳକ ପ୍ରଭାକର ଶିଅଳ ଏହି ଉତ୍ସବର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବର ଅତିଥି ରୂପେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ସୋନାଲି ପତି ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜାତୀୟ କ୍ରୀଡ଼ାବିତ୍ ତଥା ବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ତପତି ସାହୁ ଶିକ୍ଷା ସହିତ କ୍ରୀଡ଼ାର ଆବଶ୍ୟକତା ରହିଛି। କ୍ରୀଡ଼ା ଶରୀର ସୁସ୍ଥତା ଯୋଗାଇବା ସହିତ ମାନସିକ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଚଳିତବର୍ଷ କ୍ରୀଡ଼ା ଚାମ୍ପିୟନ ରୂପେ ଶୁଭଲକ୍ଷ୍ମୀ ଦାଶ, ଅନିଶା ପ୍ରିୟଦର୍ଶନୀ ଗିରି, ସମର୍ପିକା ମହାପାତ୍ର, ଅଭିପ୍ସା ମିଶ୍ର, ଚନ୍ଦନ ମଣ୍ଡଳ ସ, ଜ୍ୟୋତି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୂହିକ କଣ୍ଠ ସଙ୍ଗୀତ ଗାନ କରାଯାଇଥିଲା। ଗୁରୁମା ଶୈଳଭାମା ମହାନ୍ତି ଅତିଥି ପରିଚୟ, ଗୁରୁଜୀ କୃଷ୍ଣଚନ୍ଦ୍ର ପାଢୀ ବୃତ୍ତ କଥନ ଓ ଅଶୋକ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନଙ୍କ ଗହଣରେ ଚାମ୍ପିୟନ କ୍ରୀଡାବିତ୍।

# 'ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଅ'

**ସଜନାଗଡ଼,୧୩।୧୨(ଡି.ଏନ.ଏ.)**

- ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଟିମ୍
- ଦୁର୍ଗନ୍ଧମୟ ପରିବେଶ, ଜବରଦଖଲ ସମସ୍ୟା ଦେଖି ଫେରିଲେ
- ଭଙ୍ଗା ପାଇଖାନା ଟାଙ୍କିର ସ୍ଲାପର ଫଟୋ ଉଠାଇଲେ




କାୟାକଳ୍ପ ଟିମ୍ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପରିଦର୍ଶନ କରୁଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଓ ଦୁର୍ଗନ୍ଧମୟ ପରିବେଶ ଦେଖି ପରିଦର୍ଶନରେ ଆସିଥିବା କାୟାକଳ୍ପ ଟିମ୍ କ୍ଷୋଭ ପ୍ରକାଶ କରିଛନ୍ତି। ଚିକିତ୍ସାଳୟ ପାଚେରିକୁ ଲାଗି ଜାଗା ଜବରଦଖଲ, ଡାକ୍ତର କର୍ମଚାରୀଙ୍କ ଲାଗି ନିର୍ମିତ କ୍ୱାର୍ଟର୍ସରେ କେହି ରହୁ ନ ଥିବା ଭଳି ଅଭିଯୋଗ ସମ୍ପର୍କରେ ସେମାନେ ମଧ୍ୟ ଅନୁଧ୍ୟାନ କରିଥିଲେ। ଶେଷରେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ତାଗିଦ କରି ସେମାନେ ଫେରିଥିଲେ।

ହେଲ୍‌ଥ ସର୍ଭିସ୍ ପିଏଚ୍‌ର ଆଡିସନାଲ ଡାଇରେକ୍ଟର ଡ. ଶକ୍ତି ପ୍ରକାଶ ପାଢ଼ୀ, ଏସ୍‌ପିସିଏସ୍ ଏମ୍‌ସିଏସ୍ ସେଲ ମୃତ୍ୟୁଞ୍ଜୟ ରଥ ଏବଂ କନ୍‌ସଲଟେଣ୍ଟ ଆଇପିଏଏସ୍ ଡେଭେଲପ୍‌ମେଣ୍ଟ ଫାଉଣ୍ଡେସନ୍ ଦେବବ୍ରତ ପତି, ରାଜ୍ୟ ଏନ୍‌ଏଚ୍‌ଏମ୍‌ର ମିଶନ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଉକ୍ତ କାୟାକଳ୍ପ ଟିମ୍ ଆସି ଗୁରୁବାର ପୂର୍ବାହ୍ନ ୮ଟାରେ ନୀଳଗିରି ମେଡିକାଲ ପରିସରରେ ପହଞ୍ଚିଥିଲେ। ସେମାନେ ସମସ୍ତ ୱାର୍ଡ ବୁଲି ରୋଗୀ ଓ ରୋଗୀଙ୍କ ପାଖରେ ଥିବା ସମ୍ପର୍କୀୟଙ୍କୁ ଚିକିତ୍ସାସେବା ସମ୍ପର୍କରେ ପଚରାଉଚରା କରିଥିଲେ। ପରେ ମେଡିକାଲ ପରିବେଶ ବୁଲି ଦେଖିଥିଲେ। ଡ୍ରେନ୍‌ରେ ନିୟମିତ ବ୍ଲିଚିଂ ପଡୁ ନ ଥିବା, ପାଇଖାନା ଟାଙ୍କିର ସ୍ଲାପ ଫାଟି ଯାଇଥିବାରୁ ଦୁର୍ଗନ୍ଧ ହେଉଥିବା ଏବଂ ପାଚେରିକୁ ଲାଗି ଆବର୍ଜନା ପଡ଼ି ରହିଥିବା ଦେଖି ସେମାନେ ବିରକ୍ତି ପ୍ରକାଶ କରିଥିଲେ। ସେମାନେ ଫାଟି ଯାଇଥିବା ପାଇଖାନା ଟାଙ୍କିର ସ୍ଲାପର ଫଟୋ ମୋବାଇଲରେ ଉଠାଥିଲେ। ଚିକିତ୍ସାଳୟ ଜାଗା ଜବରଦଖଲ ସମସ୍ୟା ଅନୁଧ୍ୟାନ କରି ଏହାକୁ ଉଚ୍ଛେଦ କରାଯିବା ବାବଦରେ ସେମାନେ ମେଡ଼ିକାଲର ଏସ୍‌ଡିଏମ୍‌ଓ ଅଜୟ କୃଷ୍ଣ ସାମଲଙ୍କୁ ପଚାରି ବୁଝିଥିଲେ। ଗତ ଫେବୃୟାରୀ ମାସରେ ଏ ସମ୍ପର୍କରେ ନୀଳଗିରି ତହସିଲ କର୍ତ୍ତୃପକ୍ଷ ଏବଂ ଉପଜିଲାପାଳଙ୍କୁ ଅବଗତ କରାଯାଇଥିବା କୁହାଯାଇଥିଲା।। ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟ ବହୁସମୟରେ କେତେକ ଡାକ୍ତର କାର୍ଯ୍ୟ ସାରି ବାଲେଶ୍ୱର ଚାଲି ଯାଉଥିବାରୁ କ୍ୱାର୍ଟର୍ସରେ କେହି ରହୁ ନ ଥିବା କହିଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟ ପାଚେରି ଭୁଶୁଡ଼ି ୨ ଛାତ୍ର ଆହତ



**ଭଣ୍ଡାରିପୋଖରୀ, ୧୩।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତର କୁଲଣାଠାରେ ଥିବା ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପାଚେରି ଭୁଶୁଡ଼ି ଗୁରୁବାର ମଧ୍ୟାହ୍ନରେ ୭ମ ଶ୍ରେଣୀର ୨ ଛାତ୍ର ଆହତ ହୋଇଛନ୍ତି। ଆହତ ଛାତ୍ରଦ୍ୱୟଙ୍କୁ ଯାଜପୁର ଜିଲା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଗୁରୁବାର ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇସାରି ଛାତ୍ର କୁଲଣା ଗ୍ରାମର ସୂର୍ଯ୍ୟନାରାୟଣ ପାତ୍ର ଏବଂ ବିଶୋଳ ଗ୍ରାମର ସୁମିତ ନାୟକ ପାଚେରି ଗେଟ୍ ପଟେ ଆସୁଥିଲେ। ଏହି ସମୟରେ ଦୁର୍ବଳ ଥିବା ପାଚେରି ସେମାଙ୍କ ଉପରେ ଭୁଶୁଡ଼ି ପଡ଼ି ଯାଇଥିଲା। ସେମାନଙ୍କ ଗୋଡ଼ ଓ ଅଣ୍ଟାରେ ଶକ୍ତ ଆଘାତ ଲାଗିଥିଲା। ଖବର ପାଇ ଭଣ୍ଡାରିପୋଖରୀ ବ୍ଲକ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଆଲୋକ ବିଶ୍ୱାଳ ପ୍ରମୁଖ ଯାଜପୁର ଡାକ୍ତରଖାନାକୁ ଯାଇ ଦୁଇ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ଧାନଗଦା ଜଳିଗଲା

**ପଦ୍ମପୁର, ୧୩।୧୨ (ଡି.ଏନ.ଏ.):** ଭଦ୍ରକ ବ୍ଲକ ସାହାଡ଼ା-ହରିଜନ ସାହିର ସୁବ୍ରତ ଜେନାଙ୍କ ଧାନଗଦାରେ ନିଆଁ ଲାଗି ୪୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ପୋଡ଼ି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ସୁବ୍ରତ ତାଙ୍କର ଦେଢ଼ ଏକର ଜମିରୁ ଧାନ କାଟି ନିଜ ଖଳାରେ ଜମା କରିଥିଲେ। ଗୁରୁବାର ଧାନକୁ ମେଶିନରେ ପିଟି ଅମଳ କରିବା ପାଇଁ ରଖାଯାଇଥିବା ବେଳେ ସେଥିରେ ନିଆଁ ଲାଗିଯାଇଥିଲା। ପାଖରେ ବିଦ୍ୟୁତ୍ ତାର ଥିବାରୁ ଶଟ୍‌ସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସୁବ୍ରତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଦାବି କରାଯାଉଛି।

### ଫର୍ଣ୍ଣିଚର ଦୋକାନରେ ଅଗ୍ନିକାଣ୍ଡ



**ତିହିଡ଼ି, ୧୩।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବଜାରସ୍ଥିତ ପୁରୁଣା ସମବାୟ ବ୍ୟାଙ୍କ ଗୃହ ପାର୍ଶ୍ୱରେ ଥିବା ଏକ ଫର୍ଣ୍ଣିଚର ଦୋକାନରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଦୋକାନ ଫତେପୁର ଗ୍ରାମର ଦୀପକ କୁମାର ଓଝାଙ୍କର। ଦୋକାନରେ ଥିବା କାଠ, କାଠ ତିଆରି ସାମଗ୍ରୀ ଓ ବିଭିନ୍ନ ଯନ୍ତ୍ରପାତି ପୋଡ଼ିଯାଇଛି। ତିହିଡ଼ିରୁ ଦମକଳ ଯାଇ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

### ଲୋକଙ୍କୁ ସଚେତନ କରିବ 'ପିଠା'

**ଧାମନଗର, ୧୩।୧୨ (ଡି.ଏନ.ଏ.):** ଧାମନଗର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ସ୍ଥାନୀୟ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ଉପସ୍ଥିତିରେ ଗୁରୁବାର ଜରୁରୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପିଠା ଯୋଜନାର ସଫଳ ରୂପାୟନ ପାଇଁ ଜିଲାପାଳ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଆସନ୍ତା ୧୫ ତାରିଖଠାରୁ ଲୋକଙ୍କ ନିକଟରେ ପିଠା ଯୋଜନାର ବାର୍ତ୍ତା ପହଞ୍ଚାଇବା, ନୂତନ ହିତାଧିକାରୀ ଭାବେ ବାର୍ଦ୍ଧକ୍ୟ, କଳାକାର, ବିଧବା ଓ ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ, ରାଶନ କାର୍ଡ ବଣ୍ଟନ, ଶିକ୍ଷା ଯୋଜନାରେ ପାରଦର୍ଶିତା ଇତ୍ୟାଦି ନେଇ ତାରିଖ ଏବଂ ସ୍ଥାନ ନିରୂପଣ କରି ସୂଚନା ଦିଆଯିବା, ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ଏବଂ ସ୍ୱଚ୍ଛତା ନେଇ କାର୍ଯ୍ୟ କରିବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ଅଧିକାରୀ ମଧୁସୂଦନ ମିଶ୍ର, ବିଡିଓ ଦୁର୍ଗାଚରଣ ମୁର୍ମୁ, ଜିଲା ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି, ବିପିଏମ୍ ପୀତବାସ ବିଶ୍ୱାଳ, ସିଇଓ ଦେବେନ୍ଦ୍ର ନାୟକ, ରଘୁନାଥ ଲେଙ୍କା, ନାରାୟଣ ଚନ୍ଦ୍ର ସାହୁ ଓ ହରେକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରାତନ ହୋଇ ବି ଅବହେଳିତ

**ବାସୁଦେବପୁର, ୧୩।୧୨ (ଡି.ଏନ.ଏ.)**



ଶ୍ରୀଧର ଏକାଦଶୀ ସରକାରୀ ବିଦ୍ୟାଳୟ ପରିସରରେ ଥିବା ଭଗ୍ନ ଶ୍ରେଣୀଗୃହ ।

- **ବିପଦସଙ୍କୁଳ ଶ୍ରେଣୀଗୃହରେ ଚାଲିଛି ପାଠପଢ଼ା**
- **ଭଗ୍ନଗୃହ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଘଣ୍ଟି**
- **ଚିନ୍ତାରେ ଅଭିଭାବକ, ପ୍ରଶାସନର ନଜର ନାହିଁ**

ଶିକ୍ଷାନୁଷ୍ଠାନ ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବାରୁ ବିପଦସଙ୍କୁଳ ଶ୍ରେଣୀଗୃହ ଓ ବାତ୍ୟା ଆଶ୍ରୟସ୍ଥଳରେ ପିଲାଙ୍କୁ ବସାଇ ପାଠ ପଢ଼ାଯାଉଥିବା ଦେଖିବାକୁ ମିଳିଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲୁଙ୍ଗା ପଞ୍ଚାୟତରେ ଥିବା ଅର୍ଦ୍ଧଶତାବ୍ଦୀର ଶିକ୍ଷାନୁଷ୍ଠାନ ଶ୍ରୀଧର ଏକାଦଶୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏହାର ଏକ ନମୁନା ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଯାଉଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ବିଦ୍ୟାଳୟ ସମସ୍ୟାରେ ସୁଧାର ଆସୁନାହିଁ। ଉକ୍ତ ଶିକ୍ଷାନୁଷ୍ଠାନ ପରିସରରେ ପୁରୁଣା ଅର୍ଦ୍ଧଭଗ୍ନ ଶ୍ରେଣୀଗୃହ ପିଲାଙ୍କ ପାଇଁ ବିପଦ ଘଣ୍ଟି ସଦୃଶ ହୋଇଥିଲେ ମଧ୍ୟ ଏହାକୁ ଭଙ୍ଗାଯାଉ ନାହିଁ।

୧୯୬୮ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ଶିକ୍ଷାନୁଷ୍ଠାନ ସ୍ଥାନୀୟ ଅଞ୍ଚଳ ପାଇଁ ଆଲୋକବର୍ତ୍ତିକା ସଦୃଶ। ସରକାରୀ ମାନ୍ୟତା ପାଇବାର ଦୀର୍ଘବର୍ଷ ବିତିଯାଇଥିଲେ ବି ଶିକ୍ଷାନୁଷ୍ଠାନ ଭିତ୍ତିଭୂମିର ବିକାଶ ହୋଇପାରି ନାହିଁ। ବର୍ତ୍ତମାନ ଷଷ୍ଠ ଶ୍ରେଣୀରେ ୫୫, ସପ୍ତମରେ ୪୮, ୮ମରେ ୬୧, ୯ମରେ ୭୭ ଓ ୧୦ମରେ ୮୦ ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୩୨୭ ଜଣ ଅଧ୍ୟୟନ କରୁଛନ୍ତି। ସର୍ବନିମ୍ନ ୫ଟି ଶ୍ରେଣୀଗୃହ ଆବଶ୍ୟକ ଥିଲାବେଳେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶ୍ରେଣୀଗୃହ ନାହିଁ। ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀଛାତ୍ର ଅର୍ଦ୍ଧଭଗ୍ନ ଟିଣ, ଆଜବେଷ୍ଟସ ଘରେ ବସି ଏଯାଏ ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ପକ୍କାଘର ନିର୍ମାଣ ଦାବି କେବଳ କଥାରେ ସୀମିତି ରହିଛି। ୮ମ ଓ ୧୦ମ ଶ୍ରେଣୀ ଓ ଅଫିସ ଗୃହ ଲାଗି ପକ୍କାଘର ବ୍ୟବସ୍ଥା ହୋଇଛି। ଶ୍ରେଣୀଗୃହ ଅଭାବରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ର ନିକଟସ୍ଥ ବାତ୍ୟାଶ୍ରୟ ସ୍ଥଳରେ ପାଠ ପଢୁଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଲମ୍ବା ଟିଣ ଆଜବେଷ୍ଟସ ଓ ମାଟିକାନ୍ଥ ବିଶିଷ୍ଟ ଶ୍ରେଣୀଗୃହ ଏବେ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଏହାର କାନ୍ଥ ଫାଟି ଆଁ କରିଛି। ଆଜବେଷ୍ଟସ ଓ ଟିଣ ଛପରର କିଛି ଅଂଶ ପବନରେ ଉଡିଯାଇଛି। ଝରକା, କବାଟ, କାଠପଟାକୁ କେତେକ ଲୋକ କାଢ଼ି ନେଇ ଯିବାରୁ ଏହି ଭଗ୍ନ ଗୃହ ଅସୁରକ୍ଷିତ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେଉଁ ମୁହୂର୍ତ୍ତରେ ଏହା ଭୁଶୁଡ଼ିଯିବ ତାହା କହି ହେଉ ନାହିଁ। ସ୍କୁଲ କର୍ତ୍ତୃପକ୍ଷ ଓ ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ହିନ୍ଦୀ, ସଂସ୍କୃତ, ବିଜ୍ଞାନ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଶିକ୍ଷକ ନାହାନ୍ତି। ସେହିପରି ଶିକ୍ଷାଦାନ ପାଇଁ କିଣାଯାଇଥିବା କମ୍ପ୍ୟୁଟରର ଠିକ୍ ରକ୍ଷଣାବେକ୍ଷଣ ହେଉ ନାହିଁ। ଶିକ୍ଷାନୁଷ୍ଠାନର ଚାରିପାଖରେ ପାଚେରି ନ ଥିବାରୁ ବୁଲାଗୋରୁଙ୍କ ପାଦୁର୍ଭାବ ଲାଗି ରହୁଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ମଧୁସୂଦନ ପାଣିଗ୍ରାହୀଙ୍କୁ ପଚାରିବାରୁ ଶିକ୍ଷକ ଅଭାବ ପାଠପଢାରେ ବ୍ୟାଘାତ ସୃଷ୍ଟି କରୁଥିବା ସ୍ୱୀକାର କରି ବିଦ୍ୟାଳୟ ପରିସରରେ ଥିବା ଅର୍ଦ୍ଧଭଗ୍ନ ଶ୍ରେଣୀଗୃହକୁ ଭାଙ୍ଗିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ଖବରଦାତା ସଂଘର ବାର୍ଷିକ ବୈଠକ

**ବନ୍ତ, ୧୩।୧୨ (ଡି.ଏନ୍.ଏ.)**

ବନ୍ତ ଖବରଦାତା ସଂଘର ବାର୍ଷିକ ସାଧାରଣ ବୈଠକ ଗୁରବାର ଅନୁଷ୍ଠିତ ହୋଇଯାଇଛି। ବନ୍ତ ସ୍ଥିତ ଜଳସେଚନ ଡାକବଙ୍ଗଳାଠାରେ ଆୟୋଜିତ ବୈଠକରେ କ୍ଲବ ସଭାପତି ପତଞ୍ଜଳି କରଶର୍ମା ପୌରୋହିତ୍ୟ କରିଥିଲେ। ସଂଘର ଶୃଙ୍ଖଳା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ଶୃଙ୍ଖଳା ଭଙ୍ଗ କରୁଥିବା ଜଣେ ସଦସ୍ୟଙ୍କୁ ସର୍ବସମ୍ମତ କ୍ରମେ ବୈଠକରେ ବହିଷ୍କୃତ କରାଯାଇଥିଲା। ସବୁ ସମୟରେ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣକୁ ସଂଘ ନିନ୍ଦା କରିଥିଲା। ଉମେଶ ପ୍ରସାଦ କର, ହେମନ୍ତ କୁମାର ସିଂହ, ସଂଗ୍ରାମ କେଶରୀ ଜେନା, ସନାତନ ରାଉତ, ହରିନାରାୟଣ ମହାନ୍ତି, ରମେଶ କୁମାର ପତି, ଦିଲୀପ କୁମାର ଖୁଣ୍ଟିଆ, ମାର୍କଣ୍ଡ ଧଡା, ହରେକୃଷ୍ଣ ପତି, ରବୀନ୍ଦ୍ର କୁମାର ଓଝା ଓ ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ।

## ଓମ୍‌ଫେଡ ଟ୍ୟାଙ୍କର ଅଟକାଇଲେ ଚାଷୀ



ଦୁଗ୍ଧ ଚାଷୀମାନେ ମତୋ ବଜାରଠାରେ ଓମ୍‌ଫେଡ ଟ୍ୟାଙ୍କରକୁ ଅଟକ ରଖିଛନ୍ତି।

**ଚାନ୍ଦବାଲି, ୧୩।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ବଜାରଠାରେ ଗୁରୁବାର କ୍ଷୀର ନେଇ ଯାଉଥିବା ଏକ ଓମ୍‌ଫେଡ ଟ୍ୟାଙ୍କରକୁ କେତେକ ଦୁଗ୍ଧଚାଷୀ ଅଟକ ରଖିଥିଲେ। ଗତ ମାସରେ ୨ ଦିନର କ୍ଷୀର ଟଙ୍କା କଟାଣକୁ ନେଇ ଅସନ୍ତୁଷ୍ଟ ଚାଷୀମାନେ ଗୁରୁବାର ସକାଳ ପ୍ରାୟ ୭ଟା ବେଳେ ଏହି ଗାଡ଼ିକୁ ଅଟକାଇଥିଲେ। ଖବର ପାଇ ଓମ୍‌ଫେଡ୍‌ର ଜିଲା କର୍ମଚାରୀ ଜିତେନ୍ଦ୍ର ରାଉତ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। କ୍ଷୀରରେ ଅପମିଶ୍ରଣ ବନ୍ଦ କରିବାକୁ ପରାମର୍ଶ ଦେବା ସହ ସମ୍ପୃକ୍ତ ଦୁଇଦିନର ଚାଷୀଙ୍କ ପ୍ରାପ୍ୟ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଟ୍ୟାଙ୍କରକୁ ଛାଡ଼ିଥିଲେ।

ଉଲ୍ଲେଖନୀୟ ଯେ, ସ୍ଥାନୀୟ ଅଞ୍ଚଳର ଦୁଗ୍ଧଚାଷୀଙ୍କ ନିକଟରୁ କ୍ଷୀର ସମବାୟ ସମିତି ମାଧ୍ୟମରେ ଓମଫେଡ ନିୟମିତ କ୍ଷୀର ସଂଗ୍ରହ କରି ଶୀତଳୀକରଣ ଓ ପ୍ରକ୍ରିୟାକରଣ ପାଇଁ ପଠାଯାଏ। କ୍ଷୀରରେ ଚିନି ଓ ସାକାରିନ୍ ପରି ରାସାୟନିକ ପଦାର୍ଥ ମିଶୁଥିବା ପରୀକ୍ଷାରୁ ଜଣାପଡ଼ିବା ପରେ ଗତମାସ ୨୯ ଓ ୩୦ ତାରିଖର କ୍ଷୀର ଚାଷୀଙ୍କଠାରୁ ନିଆଯାଇଥିଲେ ମଧ୍ୟ ମୂଲ୍ୟ କାଟି ଦିଆଯାଇଥିଲା। ଏଥିରେ ଚାଷୀ ଅସନ୍ତୋଷ ପ୍ରକାଶ କରି ଚାନ୍ଦବାଲିରୁ କ୍ଷୀର ବୋଝେଇ କରି ନେଇଥିବା ଟ୍ୟାଙ୍କରକୁ ୨ ଘଣ୍ଟା ଧରି ଅଟକ ରଖିଥିଲେ।

## ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ପଦ୍ମପୁର, ୧୩।୧୨ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତ ବଡ଼ମଛୁଆଘାଇ ଗ୍ରାମରେ କାମ କରିବାକୁ ଆସିଥିବା ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ବାଲେଶ୍ୱର ଜିଲା ମହୁଡ଼ମାର ଗୁରୁଭା ମୁର୍ମୁ। ବଡ଼ମଛୁଆଘାଇର ହେମନ୍ତ ବିଶ୍ୱାଳଙ୍କ ଧାନକଟା ଲାଗି ମହୁଡ଼ମାରୁ ୬ ଶ୍ରମିକ ଆସିଥିଲେ। ବୁଧବାର ରାତିରେ ସେମାନେ ହେମନ୍ତଙ୍କ ଘରେ ଶୋଇଥିବା ବେଳେ ଗୁରୁଭା କେଉଁଆଡ଼େ ଚାଲି ଯାଇଥିଲେ। ଗୁରୁବାର ଗ୍ରାମଠାରୁ ପ୍ରାୟ ୧ କି.ମି. ଦୂର ବିଲ ମଝିରେ ଥିବା ପୋଖରୀରେ ଗୁରୁଭାଙ୍କ ମୃତଦେହ ଭାସୁଥିବା ଦେଖି ତାଙ୍କ ଭାଇ କାହ୍ନୁରୁ ନାୟକାଣ୍ଡିହୀ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ରତିକାନ୍ତ ଗିରି, ଏଏସ୍‌ଆଇ ସୁଦର୍ଶନ ପ୍ରଧାନ, ମାଜିଷ୍ଟ୍ରେଟ ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ମୃତଦେହ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଥାନାରେ ଅପମୃତ୍ୟୁ ମାମଲା (ନଂ.୨୪/୧୮) ରୁଜୁ କରାଯାଇଛି।

## କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ କଂଗ୍ରେସ

**ଭଦ୍ରକ ଅଫିସ, ୧୩।୧୨**

ଭଦ୍ରକ ଜିଲାରେ ଚାଉଳ ସଂଗ୍ରହଠାରୁ ବଣ୍ଟନ ଯାଏ ଦୁର୍ନୀତି ଚାଲିଛି। ଯୋଗାଣ ବିଭାଗ ଅଧିକାରୀ, ପରିବହନ ଠିକାଦାର, ରିଟେଲର ଅସାଧୁ ଉପାୟରେ ଚାଉଳ ହେର୍‌ଫେର୍ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ କରିଛି କଂଗ୍ରେସ। ଚରମ୍ପା ସ୍ଥିତ ସରକାରୀ ଗୋଦାମରେ ତହସିଲଦାରଙ୍କ ଦ୍ୱାରା ଚଢ଼ାଉ ସମୟରେ ୪୦୦ ବସ୍ତା ଚାଉଳ କମ୍ ଥିବାରୁ ସିଲ୍ କରାଯିବା ଓ ବାସୁଦେବପୁର ବ୍ରାହ୍ମଣୀ ଗାଁରେ ଘରୋଇ ମାଲିକାନାରେ ଥିବା ଗୋଦାମରେ ଚଢାଉ ବେଳେ ଷ୍ଟକଠାରୁ ଅଧିକ ଚାଉଳ ରହିବା ଘଟଣାରେ ଏଯାଏ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଓଲଟି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ଏହି ଘଟଣାରେ ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ନରେନ ପଲେଇ, ପିସିସି ସମ୍ପାଦକ ଦେବରୂପ ମହାନ୍ତି, ପ୍ରେମାନନ୍ଦ ନାୟକ, ଶୁଭେନ୍ଦୁ ରାୟ ମହାପାତ୍ର, ଜ୍ୟୋତିପ୍ରକାଶ ମହାନ୍ତି, ମନୋଜ ବିଶ୍ୱାଳ, ଜିଲା କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ଉପସଭାପତି ଦିଲୀପ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଡିଆ ସଂଯୋଜକ ଅତିସ ଦାସ, ଜିଲା ସାଧାରଣ ସମ୍ପାଦକ ଆଶିଷ ରାଉତ, କୁଟିଆ ନାୟକ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି ଓ ବଳରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନ ସଂଗ୍ରହକୁ ବିରୋଧ କରିବେ ଫସଲବୀମାରୁ ବଞ୍ଚିତ ଚାଷୀ

**ତିହିଡ଼ି, ୧୩।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକର ଜାମଯୋଡ଼ି ଏବଂ ଚାରିତରଫ ସେବା ସମବାୟ ସମିତିରେ ଗୁରୁବାର ପୂର୍ବାହ୍ନରେ ସରକାରୀ ଭାବେ ଧାନମଣ୍ଡି ଖୋଲିଛି। ସମବାୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ୨ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ତେବେ ଚାରିତରଫ ସମିତିରେ ଧାନ ସଂଗ୍ରହକୁ ବିରୋଧ କରାଯିବ ବୋଲି ବାହାରପାଳ ମୌଜାର ପ୍ରଧାନମନ୍ତ୍ରୀ ଫସଲବୀମାରୁ ବଞ୍ଚିତ ୧୪୧ ଚାଷୀ ଚେତାବନୀ ଦେଇଛନ୍ତି। ଜାମଯୋଡ଼ି ସମିତିରେ ସଭାପତି ସୀତାକାନ୍ତ ପଣ୍ଡା, ସମ୍ପାଦକ ରାଜେନ୍ଦ୍ର ବେହେରା, ସହସମ୍ପାଦକ ଶାନ୍ତନୁ ରାଉତ, ରାଜସ୍ୱ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ାଙ୍କ ସମେତ ସୁଦର୍ଶନ ନାୟକ, ସନାତନ ବାରିକ, ସୁବାସ ପ୍ରଧାନ, ଅର୍ଜୁନ ନାୟକ, ନିକୁଞ୍ଜ ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଚାରିତରଫ ସମିତିରେ ସଭାପତି ସୁବାସ ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ସହସମ୍ପାଦକ ମନୋରଞ୍ଜନ ବଳଙ୍କ ସମେତ ସନାତନ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ମୁରଲୀ ତ୍ରିପାଠୀ, ବିଷ୍ଣୁ ସେଠୀ, ଆନନ୍ଦ ପାଣିଗ୍ରାହୀ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଚାରିତରଫ ସମିତିରେ ୩ ହଜାର ୫ ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

## ଜେନେରେଟର ଫାଟି ଯୁବକ ମୃତ

**ବାସୁଦେବପୁର, ୧୩।୧୨ (ଡି.ଏନ.ଏ.)**

ଜେନେରେଟର ଫାଟିବାରୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ଗ୍ରାମର କଟିଆ ଖିଲାର(୪୫)ଙ୍କ ମୃତ୍ୟୁ ଘଟିଛି। ସେ ବୁଧବାର ମଧ୍ୟାହ୍ନରେ ନୂଆଗାଁ ଆଡ଼ିଆସ୍ଥିତ ଏକ ମାଛ ପୋଖରୀ ନିକଟରେ କାମ କରୁଥିଲେ। ସେହି ସମୟରେ ସ୍ଥାନୀୟ ପ୍ଲାଣ୍ଟରେ ଲାଗିଥିବା ଏକ ଜେନେରେଟର ମରାମତି କରାଯାଉଥିଲା। ହଠାତ୍ ଜେନେରେଟର ଫାଟିବାରୁ ଏହାର କିଛି ଲୁହା ଅଂଶ କଟିଆଙ୍କ ଦେହରେ ବାଜି ତାଙ୍କୁ କ୍ଷତାକ୍ତ କରିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ଚୁଡ଼ାମଣି ପଞ୍ଚାୟତ ଟିମ୍ ବିଜୟୀ

**ବାସୁଦେବପୁର, ୧୩।୧୨ (ଡି.ଏନ.ଏ.)**



ଅତିଥିଙ୍କ ସହ ଖେଳାଳିମାନେ।

ବାସୁଦେବପୁର ବ୍ଲକ ପ୍ରଶାସନ ପକ୍ଷରୁ ଏବି କଲେଜ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଚୁଡାମଣି ପଞ୍ଚାୟତ ବିଜୁ ଯୁବବାହିନୀ ଓ ଶାଶୁଭୁଆଶୁଣୀ ଯୁବବାହିନୀ ଟିମ୍ ମଧ୍ୟରେ ଉଦ୍‌ଯାପନୀ ମ୍ୟାଚ୍ ହୋଇଥିଲା। ଚୁଡାମଣି ଟିମ୍ ଧାର୍ଯ୍ୟ ୮ ଓଭରରେ ୮୭ ରନ୍ ସଂଗ୍ରହ କରିଥିଲା। ଶାଶୁଭୁଆଶୁଣୀ ଟିମ୍ ୪ ଉଇକେଟ୍ ହରାଇ ୪୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଚୁଡାମଣି ଟିମ୍ ବିଜୟୀ ହୋଇ ଜିଲାସ୍ତରୀୟ ଟୁର୍ନାମେଣ୍ଟକୁ ମନୋନୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯୁବନେତା ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବିଜୟୀ ଚୁଡାମଣି ଟିମ୍‌କୁ ଟ୍ରଫି ଓ ପରାଜିତ ଶାଶୁଭୁଆଶୁଣୀକୁ କପ୍ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ, ଆଇଆଇସି ଉମାଶଙ୍କର ନାୟକ, ଏବି କଲେଜ ଅଧ୍ୟକ୍ଷ ଡ. ମନୋରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଅସିତ ଦାଶ ସଭାରେ ପୌରୋହିତ୍ୟ କରିଥିଲେ। ଯୁବବାହିନୀ ସଂଯୋଜକ ଅଙ୍କିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାନ୍ତ ମଲିକଙ୍କୁ ଶ୍ରେଷ୍ଠ ବୋଲର ଓ ଜୟପ୍ରକାଶ ମହାକୁଡଙ୍କୁ ଶ୍ରେଷ୍ଠ ବ୍ୟାଟସ୍‌ମ୍ୟାନ ଭାବେ ପୁରସ୍କୃତ କରାଯାଇଥିଲା।

## 'ବହୁମୁଖୀ ପ୍ରତିଭା ଥିଲେ ରଘୁନାଥ'




ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ସ୍ମରଣିକା 'ସ୍ମୃତି କୈବଲ୍ୟ'କୁ ଉନ୍ମୋଚନ କରୁଛନ୍ତି।

**ଭଦ୍ରକ ଅଫିସ, ୧୩।୧୨**

ଭଦ୍ରକ ପୌରପାଳିକା ଅଧୀନ ଗରଦପୁର ଗଉଡ଼ସାହିଠାରେ ବିଶିଷ୍ଟ ଶିକ୍ଷାବିତ୍, ଶାସ୍ତ୍ରବିତ୍, ପଣ୍ଡିତ ରଘୁନାଥ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ପ୍ରଫୁଲ୍ଲ ପଣ୍ଡା ସଭାରେ ପୌରୋହିତ୍ୟ କରିଥିଲେ। ରବିନାରାୟଣ ଖିଲାର, ରୋଟାରିଆନ ଅତିଶ କୁମାର ବେହେରା, ରାଷ୍ଟ୍ରପତି ପୁରସ୍କୃତ ପ୍ରଧାନଶିକ୍ଷକ ପ୍ରଣବ କୁମାର ସାହୁ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ରଘୁନାଥ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ହେମନ୍ତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜେଶ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ମରଣିକା 'ସ୍ମୃତି କୈବଲ୍ୟ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପଣ୍ଡିତ ମିଶ୍ରଙ୍କ ପୁତ୍ର ଖବରଦାତା ମହେଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋରଞ୍ଜନ ମିଶ୍ର, ଦିଗମ୍ବର ମିଶ୍ର, ଅନୁପ ରଥ, ମାନସ ରଞ୍ଜନ ପଣ୍ଡା, ପୁରୁଷୋତ୍ତମ ମିଶ୍ର, ପ୍ରତ୍ୟୁଷ ମିଶ୍ର ଏଥିରେ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ସ୍ମୃତିସଭାରେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ୧ରେ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ପାଠ

**ଭଦ୍ରକ, ୧୩।୧୨**

ଭଦ୍ରକ ଜିଲା ଚରମ୍ପାର ବରାଳପୋଖରୀସ୍ଥିତ ପୁରାତନ ହନୁମାନ ମନ୍ଦିରରେ ଆସନ୍ତା ୧ ତାରିଖରେ ସକାଳ ୭ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ କରାଯିବ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବ୍ରାହ୍ମଣ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଲକ୍ଷ୍ମୀଧର ମହାପାତ୍ର, ରାଜେନ୍ଦ୍ର ଶୁକ୍ଳ, ନୀଳମାଧବ ମିଶ୍ର, ଶରତ ଶୁକ୍ଳ, ପ୍ରଭାତ ତ୍ରିପାଠୀ ପ୍ରମୁଖ ବ୍ୟକ୍ତି ଯୋଗଦେବେ। ଅରବିନ୍ଦ ନାୟକ, ଲୋକନାଥ ନାୟକ, ଅଶୋକ ବାରିକ, ଉମାକାନ୍ତ ନାୟକ, ବିରେନ କୁମାର ଜେନା, ରମାକାନ୍ତ ଜେନା, ଗୋପୀନାଥ ନାୟକ, ଲୋକନାଥ ସାହୁ, ପ୍ରଦୀପ ସାହୁ, ମନୋରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବେ।

## 'ବିଜ୍ଞାନ ଓ ଶିଶୁ ସାହିତ୍ୟ ପରିପୂରକ'

**ଭଦ୍ରକ ଅଫିସ, ୧୩।୧୨**




ସାଳନ୍ଦୀ ବହି ମେଳାର ୨ୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ଶିଶୁ ଏକ ଦେବଦୂତ। ତା'ର ସରଳ, ନିଷ୍କପଟ ଜୀବନକୁ ଶିଶୁ ଓ ବିଜ୍ଞାନ ସାହିତ୍ୟ ସମୃଦ୍ଧ କରିଥାଏ। କବିଶେଖର ଚିନ୍ତାମଣି ମହାନ୍ତି, ଲକ୍ଷ୍ମୀକାନ୍ତ ମହାପାତ୍ର ଓ ଡ. ମନୀନ୍ଦ୍ର ମହାନ୍ତି ପ୍ରମୁଖ ବହୁ ସାରସ୍ୱତ ସ୍ରଷ୍ଟା ଶିଶୁ ସାହିତ୍ୟ କ୍ଷେତ୍ରରେ ଭଦ୍ରକ ମାଟିକୁ ଯେପରି ଗୌରବାନ୍ୱିତ କରିଛନ୍ତି, ବିଜ୍ଞାନ ସାହିତ୍ୟରେ ଗୋକୁଳାନନ୍ଦ ମହାପାତ୍ରଙ୍କଠାରୁ ଏବେର ମୃଣାଳ ଚାଟାର୍ଜୀଙ୍କ ଯାଏ ବହୁ ବିଜ୍ଞାନ ଲେଖକ ଭଦ୍ରକର ସୃଜନ ପରମ୍ପରାକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ୫ମ ସାଳନ୍ଦୀ ବହି ମେଳାର ଗୁରୁବାର ୨ୟ ସନ୍ଧ୍ୟାରେ ମତପ୍ରକାଶ ପାଇଛି।

ମନମୋହନ ସଙ୍ଗୀତ ପରିଷଦ ପରିସରରେ ଡ. ମନୀନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ୟ ସନ୍ଧ୍ୟାରେ ଅତିଥି, ଆଲୋଚକ ଭାବେ ଡା. ଦୁର୍ଯ୍ୟୋଧନ ଦାସ ଓ ହରମୋହନ କୁଅଁର ଯୋଗଦେଇ ବିଜ୍ଞାନ ଏବଂ ଶିଶୁ ସାହିତ୍ୟ ପରିପୂରକ ବୋଲି ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ରୂପେ ପ୍ରଫେସର ରାଜକିଶୋର ସାହୁ, ଡ. କମଳାକାନ୍ତ ଜେନା ଓ କାହ୍ନୁଚରଣ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଇଂ. ବିଦ୍ୟାଧର ବ୍ରହ୍ମ ସ୍ୱାଗତ ଭାଷଣ ଓ ଇଂ. ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପରେ ନିଜାମ୍ ଓ ତାଙ୍କ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅପରାହ୍ନରେ ଛାତ୍ରୀଛାତ୍ର ଓ ପୁସ୍ତକପ୍ରେମୀଙ୍କ ମଧ୍ୟରେ ବହି ମେଳା ଓ ପୁସ୍ତକ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ସାଳନ୍ଦୀ ବହି ମେଳା କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ଆନନ୍ଦପୁର/ଘସିପୁରା, ୧୩।୧୨(ସ୍ୱ.ପ୍ର.):** ଆନନ୍ଦପୁର ପାଟରାସାହିର ବିଦ୍ୟାଧର ଷେଣ୍ଡଙ୍କ ଝିଅ ହରପ୍ରିୟା ପାତ୍ର(୨୮) ନିଜ ସ୍ୱାମୀ ସୁଶାନ୍ତ ପାତ୍ରଙ୍କ ସହ ବାଇକ୍ ଯୋଗେ ଆନନ୍ଦପୁର ବାପ ଘରକୁ ଆସୁଥିଲେ। ବେଲବାହାଳି ପୁରୁଣା କୁଶେଇ ସେତୁ ମୁଣ୍ଡ ତଥା ସିଆପଡା ଛକଠାରେ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ହରପ୍ରିୟା, ସୁଶାନ୍ତ ଗୁରୁତର ହୋଇଥିଲେ। ଉଭୟଙ୍କୁ ପ୍ରଥମେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ହରପ୍ରିୟାଙ୍କୁ ମୃତ ଘୋଷଣା କରିବା ସହ ସୁଶାନ୍ତଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଏ ନେଇ ଆନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦମ୍ପତିଙ୍କ ୪ ବର୍ଷର ଶିଶୁ ସୁରକ୍ଷିତ ଥିବା ଜଣାପଡିଛି।

### ଦୁର୍ଘଟଣାରେ ମହିଳା ଗୁରୁତର

**ପାଟଣା,୧୩।୧୨(ସ୍ୱ.ପ୍ର.):** ପାଟଣା ପିପିଲିଆ ରାସ୍ତାର ଗୋବରାବେଡ଼ା ହାଇସ୍କୁଲ ନିକଟ ବାଙ୍କରେ ବୁଧବାର ରାତିରେ ଏକ ଅଟୋ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମହିଳା ଜଣଙ୍କ ହେଲେ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ତଣ୍ଡ ଗ୍ରାମର ଭାନୁ ନାଏକଙ୍କ ସ୍ତ୍ରୀ ସଞ୍ଜୁ। ସଞ୍ଜୁ ଜଣେ ସମ୍ପର୍କୀୟଙ୍କ ଘରକୁ ଅଟୋ ଯୋଗେ ଯାଉଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଅଟୋ ଭିତରେ ମହିଳା ଜଣକ ଚାପିହୋଇ ଯାଇଥିଲେ। ପାଟଣା ଅଗ୍ନିଶମ କର୍ମଚାରୀ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଅସଦାଚରଣ ଅଭିଯୋଗରେ ୨ ଗିରଫ

**ଯୋଡ଼ା, ୧୩।୧୨(ଡି.ଏନ.ଏ.):** ଯୋଡ଼ା ସହରରେ ଜଣେ ନାବାଳିକାକୁ ଅସଦାଚରଣ ଅଭିଯୋଗରେ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ଜଣେ ଯୁବକ ତାଙ୍କ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଅନ୍ୟ ଜଣେ ମହିଳାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପର୍କୀୟ ୧୨ ବର୍ଷର ଜଣେ ନାବାଳିକା ନାତୁଣୀଙ୍କ ସହ ତାଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ନେଇ ଯୁବକ ରହୁଥିଲେ। ଯୁବକ ଜଣଙ୍କ ଅନୁପସ୍ଥିତ ଥିବାବେଳେ ଦ୍ୱିତୀୟ ସ୍ତ୍ରୀ ଯୋଡାସ୍ଥିତ ସାହିବ୍ ଅଲ୍ଲୀ ନାମକ ଯୁବକଙ୍କୁ ସହ ପ୍ରେମ ସମ୍ପର୍କ ରଖି ଆସୁଥିଲେ। ମହିଳାଙ୍କ ଘରକୁ ସାହିବ୍ ଯିବା ଆସିବା କରୁଥିଲେ। ଘରେ ଥିବା ନାବାଳିକାଙ୍କୁ ସାହିବ୍ ଖରାପ୍ ନଜରରେ ଦେଖି ଆସୁଥିଲେ। ଘରେ କେହି ନ ଥିବା ବେଳେ ନାବାଳିକାଙ୍କ ସହ ସାହିବ୍ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ। ଏଥିରେ ସାହିବଙ୍କୁ ଯୁବକଙ୍କ ଦ୍ୱିତୀୟ ସ୍ତ୍ରୀ ସହଯୋଗ କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକେ ଜାଣି ପାରି ଗତ ୨୭।୧୧।୧୮ରେ ଯୋଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ସାହିବ୍ ଓ ଯୁବକଙ୍କ ଦ୍ୱିତୀୟ ସ୍ତ୍ରୀଙ୍କୁ ଗିରଫ କରି ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

### ପୁରସ୍କୃତ ହେଲେ କୃତୀ ଛାତ୍ର



**ହାଟଡିହୀ, ୧୩।୧୨:** ସ୍ଥାନୀୟ ଓଷ୍ଟା ତରଫରୁ ଆୟୋଜିତ ସାଧାରଣ ଜ୍ଞାନ ପରୀକ୍ଷାରେ ହାଟଡିହୀ ଉଚ୍ଚବିଦ୍ୟାଳୟର ଛାତ୍ର ସୁଜଳ କୁମାର ଶାସିନୀ ସର୍ବାଧିକ ନମ୍ବର ରଖି ସମଗ୍ର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ଓଷ୍ଟା ତରଫରୁ ପୁରସ୍କୃତ କରାଯାଇଛି। ସେ ଜଣେ ମେଧାବୀ, ମିଷ୍ଟଭାଷୀ ଓ ମେଳାପୀ ଛାତ୍ର। ନବମ ଶ୍ରେଣୀରେ ଅଧ୍ୟୟନ କରୁ ଥିବା ଛାତ୍ର ଜଣଙ୍କ ସବୁବେଳେ ଶ୍ରେଣୀରେ ପ୍ରଥମ ହୋଇଛନ୍ତି। କୃତିତ୍ୱର ସହିତ ସରକାରୀ ଓ ବେସରକାରୀ ବୃତ୍ତି ପରୀକ୍ଷାରେ ସଫଳତା ପାଇଛନ୍ତି। ତାଙ୍କ ପିତା ସୁନ୍ଦରାପାଳ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିବାବେଳେ ମା' ଜଣେ ସୁଗୃହିଣୀ। ହାଟଡିହୀ ବ୍ଲକ ମରୈଗାଁ ପଞ୍ଚାୟତର ବେଡିରା ଗ୍ରାମ ହେଉଛି ମେଧାବୀ ଛାତ୍ରଙ୍କ ଘର। ହାଟଡିହୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର କର ଓ ଶକ୍ଷୟିତ୍ରୀଶିକ୍ଷକ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କାମ ହରାଇ ଦୁର୍ଦ୍ଦିନରେ ଶ୍ରମିକ

- ବନ୍ଦ ରହିଛି ବହୁ ଖଣି
- ଜାଣିଅଜଣା ପ୍ରଶାସନ
- ସରକାରଙ୍କ ରାଜସ୍ୱ କ୍ଷତି

**କେନ୍ଦୁଝର, ୧୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ବିଭିନ୍ନ କାରଣରୁ କେତେକ ଖଣି ବନ୍ଦ ହୋଇଯାଇଥିବାରୁ କାମ ହରାଇ ବହୁ ଶ୍ରମିକ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ଏ ନେଇ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ସରକାରଙ୍କ ନିଜସ୍ୱ ସଂସ୍ଥା ଓଡ଼ିଶା ଖଣି ନିଗମ ଅଧୀନରେ ଜିଲାରେ ପାଖପାଖି ୧୫ ମୂଲ୍ୟବାନ ଲୁହା, ମାଙ୍ଗାନିଜ, କ୍ରୋମାଇଟ ଖଣି ରହିଛି। ଗୋଟିଏ ଓ ଦୁଇଟି ଖଣି ଛାଡିଦେଲେ ଅନ୍ୟ ସବୁ ଖଣି ବନ୍ଦ ପଡିଛି। ସବୁଠାରୁ ଅଧିକ ବଡବିଲ ଜୋନରେ ରହିଛି ପାଖାପାଖି ୧୨ ଖଣି। ସବୁ ବନ୍ଦ ରହିଛି। ବିଭିନ୍ନ ବିଭାଗର ଅସହଯୋଗ ଓ ସରକାରଙ୍କ ଆନ୍ତରିକତା ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କେତେକ ଶ୍ରମିକ ଅଭିଯୋଗ କରୁଛନ୍ତି। ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷତି ହେଉଛି। ୪ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ବସି ଦରମା ନେଉଛନ୍ତି। ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ କାମରୁ ବଞ୍ଚିତ ରହିଛନ୍ତି। ଜଙ୍ଗଲ ଓ ପରିବେଶୀୟ ଅନୁମତି ମିଳୁ ନ ଥିବାରୁ ବହୁ ଖଣି ଚାଲିପାରୁନାହିଁ ବୋଲି ମତ ପ୍ରକାଶ ପାଉଛି।

ଜିଲାର କେନ୍ଦୁଝର, ଯୋଡା ଖଣି ମଣ୍ଡଳ ଅଧୀନରେ ଓଏମସିର ବହୁ ଖଣି ରହିଛି। ଏଥିବ୍ୟତିତ ବଡ଼ବିଲ ଜୋନ ଅଧୀନରେ ୧୨ ଖଣି ରହିଛି। ଓଏମସି ନିଜେ ଖଣି କାର୍ଯ୍ୟ ନ କରି ଆଉଟସୋର୍ସିଂ ଦ୍ୱାରା ଖଣି କାର୍ଯ୍ୟ କରୁଥିବାରୁ ଅଧିକ ଲାଭ ଠିକାଦାରଙ୍କ ପକେଟକୁ ଚାଲିଯାଉଛି ବୋଲି ଅଭିଯୋଗ ହେଉଛି। ରକ୍ଷଣାବେକ୍ଷଣ ଅଭାବରୁ ସେରଣ୍ଡା ଖଣି ସମେତ ଅନ୍ୟ ଖଣି ଅଞ୍ଚଳର ମୂଲ୍ୟବାନ ଜମି ପ୍ରଭାବଶାଳୀ ଲୋକଙ୍କ ହାତରେ ଜବରଦଖଲ ହୋଇରହିଛି। ଉଚ୍ଛେଦ ପାଇଁ ଆନ୍ତରିକତା ପ୍ରଦର୍ଶନ କରାଯାଉ ନ ଥିବା ଜଣାଯାଇଛି। ଉକ୍ତ ଅଞ୍ଚଳରୁ ଖଣିଜ ପଥର ଚୋରି ହେଉଥିବା ଅଭିଯୋଗ ହେଉଛି। ଖଣି ଲିଜ ନେଇଥିବା ଘରୋଇ ସଂସ୍ଥାଙ୍କ ଖଣିର ଅନୁମତି ମିଳୁଛି। ସରକାରୀ ଖଣି ସଂସ୍ଥାର ଲିଜ ଖଣିର ଅନୁମୋତି ସହଜରେ ମିଳୁନାହିଁ। ଅନେକ ସମୟରେ ଓଏମସି ଖଣି ସଂସ୍ଥାର ବାବୁମାନେ ଜିଲାପାଳ, ଡିଏଫଓ ଦପ୍ତର ଧାଇଁ ନୟାନ୍ତ ହେଉଥିଲେ ହେଁ ଫାଇଲ କାମ ହେଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି ବିଭାଗର କର୍ମଚାରୀ ଓ ଶ୍ରମିକ ନେତାମାନେ ମତବ୍ୟକ୍ତ କରୁଛନ୍ତି। ଘରୋଇ କମ୍ପାନୀଙ୍କ ଫାଇଲ ପାସ କରିବାରେ ତତ୍ପରତା ପଛରେ କ'ଣ କାରଣ ତାହାକୁ ନେଇ ସନ୍ଦେହ ଉପୁଜିଛି। ଖଣି ଖୋଲିବା ନେଇ କାହାରି ଆନ୍ତରିକତା ନାହିଁ। ଲୋକେ କାମଧନ୍ଦା ପାଇପାରୁନାହାନ୍ତି ବୋଲି ବରିଷ୍ଠ ଶ୍ରମିକ ନେତା ଇନ୍ଦ୍ରମଣୀ ବେହେରା କହିଛନ୍ତି। ଓଏମସି ବଡ଼ବିଲ ଆଞ୍ଚଳିକ ପ୍ରବନ୍ଧକ ଏଲଏନଘଣା କହିଛନ୍ତି ଯେ, ଜଙ୍ଗଲ ଅନୁମତି ମିଳି ନ ଥିବାରୁ ଖଣି କାର୍ଯ୍ୟ ବନ୍ଦ ରହିଛି। ଏସବୁ ଖଣିଚଲାଇବା ପାଇଁ ପଦକ୍ଷେପ ନିଆଯାଉଛି।

# ସମ୍ବେଦନ, ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ

**ଚମ୍ପୁଆ, ୧୩।୧୨(ଡି.ଏନ.ଏ.)**

ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀରେ ରହିଥିବା ସମ୍ବେଦନ ଓ ଅତି ସମ୍ବେଦନଶୀଳ ବୁଥ ତାଲିକା ପ୍ରକାଶ ପାଇଛି। ମୋଟ ୨୫ ଗୋଟି ବୁଥକୁ ଚିହ୍ନଟ କରାଯାଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀ (୨୫)ରେ ରହିଥିବା ୨୫୨ ବୁଥ ମଧ୍ୟରେ ବଡବିଲ ମ୍ୟୁନିସିପାଲଟିରେ ୪୨, ଜୋଡା ମ୍ୟୁନିସିପାଲିଟିରେ ୨୮, ଯୋଡ଼ା ବ୍ଲକରେ ୯୭, ଚମ୍ପୁଆ ଏନଏସିରେ ୧୧ ଓ ଚମ୍ପୁଆ ବ୍ଲକରେ ୭୪ ବୁଥ ରହିଛି। ପାଟଣା ନିର୍ବାଚନ ମଣ୍ଡଳୀ(୨୩)ରେ ୨୭୩ ବୁଥ ମଧ୍ୟରେ ପାଟଣାର ୧୧୨, ସାହାରପଡ଼ାର ୯୦, ଝୁମ୍ପୁରାରେ ୪୮ ଓ ଚମ୍ପୁଆ ବ୍ଲକରେ ୨୩ ବୁଥ ରହିଛି। ଚମ୍ପୁଆର ହରେଶ୍ୱର ନୋଡାଲ ହାଇସ୍କୁଲ, କଦଗାଡିଆ ୟୁ.ଜି.ୟୁ.ପି ସ୍କୁଲ, ଜାମୁଦଲକ ୟୁ.ଜି.ୟୁ.ପି ସ୍କୁଲ, ରିମୁଳି ବଏଜ ପ୍ରଇମେରି ସ୍କୁଲ, ଭଣ୍ଡା କେ.ବି ନୋଡାଲ ହାଇସ୍କୁଲ ଆଦିକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ପାଟଣା ନିର୍ବାଚନ ମଣ୍ଡଳୀର ସିଜୁକଳା ପ୍ରାଇମେରି ସ୍କୁଲ, ସଡଙ୍ଗି ପ୍ରାଇମେରି ସ୍କୁଲ, ଜ୍ୟୋତିପୁର ପ୍ରାଇମେରି ସ୍କୁଲ, ଜାଲି ସେବାଶ୍ରମ, ଟାଙ୍ଗରବନ୍ତଳା ପ୍ରାଇମେରି ସ୍କୁଲ, ଫୁଲକଅଁଳେଇ ପ୍ରାଇମେରି ସ୍କୁଲ, ଜଜପଶି ପ୍ରାଇମେରି ସ୍କୁଲ, ଭୂଇଁପୁର ପ୍ରାଇମେରି ସ୍କୁଲ ବୁଥକୁ ସମ୍ବେଦିନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି।

# ୨ ଲକ୍ଷ ଟଙ୍କା ଚୋରି

**ବଡ଼ବିଲ, ୧୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ମୁଖ୍ୟ ଡାକଘର ପୋଷ୍ଟାଲ କ୍ୟାସ ଓଭରସିଅରଙ୍କଠାରୁ ଗୁରୁବାର ୨ ଲକ୍ଷ ଟଙ୍କା ଚୋରି ହୋଇଥିବା ବଡବିଲ ଥାନାରେ ଏତଲା ହୋଇଛି। ବଡ଼ବିଲ ଏକ ବ୍ୟାଙ୍କରୁ ସ୍ଥାନୀୟ ପୋଷ୍ଟାଲ ଓଭରସିଅର ଇନ୍ଦ୍ରମଣି ନାଏକ ୮ ଲକ୍ଷ ଟଙ୍କା ଉଠାଣ କରିଥିଲେ। ବଡ଼ବିଲ ମୁଖ୍ୟ ଡାକଘରେ ୬ ଲକ୍ଷ ଜମା କରିଥିଲେ। ବଡବିଲ ଡାକଘର ଅଧୀନ ଥିବା ମାଟକାମବେଡାସ୍ଥିତ ପୋଷ୍ଟ ଅଫିସରେ ଜମା କରିବା ପାଇଁ ଏକ ଜରି ବ୍ୟାଗରେ ବଳକା ୨ ଲକ୍ଷ ଟଙ୍କା ଗୁଡାଇ ରଖିଥିଲେ। ଗୁଆଲି ପୋଷ୍ଟ ଅଫିସ୍‌ର ମେଲ କ୍ୟାରିୟର ପ୍ରଫୁଲ୍ଲ କୁମାର ପାତ୍ରଙ୍କ ସହ ସେ ବାଇକ ଯୋଗେ ଅପରାହ୍ନ ପ୍ରାୟ ୨ଟା ବେଳେ ବାହାରିଥିଲେ। ପୋଷ୍ଟ ଅଫିସରୁ ମାତ୍ର କିଛି ଦୂର ଯିବାପରେ ତାରିଣୀ ମନ୍ଦିର ନିକଟରେ ଥିବା ଦୋକାନରେ ଜଳଖିଆ ଖାଇବାକୁ ଅଟକିଥିଲେ। ଟଙ୍କା ଭର୍ତ୍ତି ବ୍ୟାଗକୁ ଇନ୍ଦ୍ରମଣି ବାହୁର କାଖତଳେ ଜାକି ରଖିଥିଲେ। ଜଳଖିଆ ଖାଇ ସାରିବା ପରେ ବ୍ୟାଗ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଇନ୍ଦ୍ରମଣି ତୁରନ୍ତ ପୋଷ୍ଟ ଅଫିସରେ ଅବଗତ କରିବା ସହ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପିଲେଟ୍ ଚୋରି, ୨ ଅଟକ

**ଯୋଡ଼ା, ୧୩।୧୨(ଡି.ଏନ.ଏ.)**

ଯୋଡ଼ା ଥାନା ଦେଓଝରସ୍ଥିତ ଜିନ୍ଦଲ କାରଖାନାରୁ ପରିବହନ ବେଳେ ପିଲେଟ୍ ଚୋରି ଅଭିଯୋଗରେ ପୋଲିସ ୨ ଜଣକୁ ଅଟକ ରଖିଛି। ଗତ ୮ ତାରିଖରେ ଏକ ହାଇୱା ଟ୍ରକ୍ ଦେଓଝରସ୍ଥିତ ଜିନ୍ଦଲ କାରଖାନାରୁ ପିଲେଟ୍ ବୋଝେଇ କରି ପର୍ଜନପୁର ଯିବା ପରିବର୍ତ୍ତେ ଡଡୁଆଁରେ ଯାଇଥିଲା। ସେଠାରେ ପିଲେଟ୍ ଅନଲୋଡ୍ କରିଥିଲା। ଗନ୍ତବ୍ୟସ୍ଥଳରେ ଉକ୍ତ ହାଇୱା ନ ପହଞ୍ଚିବାରୁ ପରିବହନ ଠିକାସଂସ୍ଥା ପକ୍ଷରୁ ଯୋଡ଼ା ଥାନାରେ ପିଲେଟ୍ ଚୋରି ଅଭିଯୋଗ କରାଯାଇଥିଲା। ଏହାକୁ ଭିତ୍ତିକରି ପୋଲିସ ଅକ୍ଷୟ ସାମଲ ଓ ସଞ୍ଜୟ ପରିଡାଙ୍କ ଅଟକ ରଖି ତଦନ୍ତ ଜାରି ରଖିଥିବା ଯୋଡା ଥାନା ଆଇଆଇସି ମନୋଜ କୁମାର ରାଉତ ସୂଚନା ଦେଇଛନ୍ତି।

# ଘରୁ ଲକ୍ଷାଧିକ ଟଙ୍କାର ଗହଣା ଚୋରି

**ଚମ୍ପୁଆ, ୧୩।୧୨ (ଡି.ଏନ.ଏ.)**

ଚମ୍ପୁଆ ଥାନା ଅନ୍ତର୍ଗତ ବିଡିଏନପୁର ଶାସନ ଅଞ୍ଚଳର ଏକ ଘରୁ ବୁଧବାର କେହି ନ ଥି ବାର ସୁଯୋଗ ନେଇ ଚୋରମାନେ ଲକ୍ଷାଧିକ ଟଙ୍କାର ଗହଣା ସହ ୫ ହଜାର ଟଙ୍କା ଚୋରି କରିଛନ୍ତି। ବିଡିଏନପୁରରେ ଝାଡ଼ଖଣ୍ଡ ଅଞ୍ଚଳର ନବୀନ ପ୍ରଧାନ ଦୀର୍ଘ ଦିନ ହେବ ଘର କରି ରହିଆସୁଥିଲେ। ବାପାଙ୍କ ସୁଧିକାମ ପାଇଁ ନବୀନ ପରିବାର ସହ ପୈତୃକ ଗ୍ରାମ ଗବଲଗାଁକୁ ଯାଇଥିବାବେଳେ ଘରେ କେହି ନ ଥିଲେ। ଏହାର ସୁଯୋଗ ନେଇ ଚୋରମାନେ ରାତିରେ ଘରେପଶି ଗୋଟାଏ ନେକଲେଶ, ୨ ସୁନାଚେନ, ୪ ହଳ କାନଫୁଲ ଓ ୪ଟି ମୁଦି ସମେତ ୫ ହଜାର ଟଙ୍କା ଚୋରି କରିଛନ୍ତି। ତାଙ୍କ ଘର ପଡୋଶୀ ସକାଳେ ଉଠି ଦେଖିଲା ବେଳକୁ କବାଟ ଝରକା ଖୋଲା ହୋଇଛି। ଏ ନେଇ ପଡ଼ିଶା ଘର ଲୋକେ ନବୀନକୁ ଖବର ଦେଇଥିଲେ। ନବୀନ ଗାଁରୁ ଫେରି ଘରେ ଜିନିଷ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।



ଚୋରି ପରେ ଘରେ ପଡ଼ିଥିବା ସାମଗ୍ରୀ।

# ସଫଳ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ରାଇସୁଆଁ, ୧୩।୧୨(ଡି.ଏନ.ଏ.)**

ଜାତୀୟ କରାଟେ ପ୍ରତିଯୋଗିତାରେ ସଫଳତା ଲାଗି କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦୁଝର ଜିଲା ନରଣପୁର ବ୍ରିଗେଡ ସ୍କୁଲ ଛାତ୍ର ଚନ୍ଦନ ପ୍ରକାଶ ନାଏକ ସ୍ୱର୍ଣ୍ଣ, ଆକାଶ ନାଏକ ବ୍ରୋଞ୍ଜ, ବିଶ୍ୱଜିତ ମହାନ୍ତଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଛାତ୍ରମାନେ କେରଳର ସୁଲତାନବାରୀରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

# ବିଜ୍ଞାନମେଳାରେ ୯୫ ପ୍ରକଳ୍ପ

**ଝୁମ୍ପୁରା, ୧୩।୧୨(ଡି.ଏନ.ଏ.)**

ଝୁମ୍ପୁରା ବ୍ଲକ ରୋଡସ୍ଥିତ ସରକାରୀ ଉନ୍ନିତ ଉଚ୍ଚପ୍ରାଥମିକ ମକ୍ତବରେ ଗୁରୁବାର ବିଜ୍ଞାନ ମେଳା ଏବଂ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏକ ଦିବସୀୟ ବିଜ୍ଞାନ ମେଳାକୁ ଝୁମ୍ପୁରା ସହଗୋଷ୍ଠୀ ଶିକ୍ଷାଧିକାରୀ ବିଜୟାନନ୍ଦ ବେହେରା ଉଦ୍‌ଘାଟନ କରିଥିଲେ। ପରବେଶ, ଶକ୍ତି ସଂରକ୍ଷଣ, ଜୈବ ବିବିଧତା, ସୀମାନ୍ତ ସୁରକ୍ଷା, ଜଳ ସଂରକ୍ଷଣ ସହ ଶିକ୍ଷଣ ସାମଗ୍ରୀରେ ଗଣିତ, ବିଜ୍ଞାନ, ପରିବେଶ ସମ୍ବନ୍ଧିୟ ସମୁଦାୟ ୯୫ଟି ପ୍ରକଳ୍ପ ଛାତ୍ରୀଛାତଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଝୁମ୍ପୁରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଲିପି ଦେହୁରି ଏବଂ ନୋଡାଲ ସ୍କୁଲର ବିଜ୍ଞାନ ଶିକ୍ଷକ ମଧୁସୂଦନ ପ୍ରଧାନ ବିଚାରକ ଭାବେ ଉପସ୍ଥିତ ରହିଥିଲେ। ଶ୍ରେଷ୍ଠ ବିବେଚିତ ୬ ପ୍ରକଳ୍ପର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ପ୍ରାଥମିକ ମକ୍ତବର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ମହାନ୍ତ ବିଜ୍ଞାନ ମେଳା ସହ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନର ସଞ୍ଚାଳନ କରିଥିଲେ। ମକ୍ତବର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।



ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶିତ କରିଛନ୍ତି।

# ବାଇକ୍ ଧକ୍କାରେ ବୃଦ୍ଧା ଗୁରୁତର

**ପାଟଣା,୧୩।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ପଲାଶିଘାଟି ପଞ୍ଚାୟତ ଜମୁଳେଇ ବେଡା ସାପ୍ତାହିକ ହାଟ ନିକଟରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ କୁମୁଲାବାହାଳି ଗ୍ରାମର ମାଇନୋ ମାଝି। ଗୁରୁବାର ଅପରାହ୍ନରେ ହାଟକୁ ଯାଉଥିବା ବେଳେ ବାଇକ୍ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# 'ସ୍ୱଚ୍ଛତା, ଗୁଣବତ୍ତା' ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ

**କେନ୍ଦୁଝର, ୧୩।୧୨(ସ୍ୱ.ପ୍ର.)**

ଭୁବନେଶ୍ୱରରେ ଆୟୋଜିତ ୨୬ତମ ଶିଶୁବିଜ୍ଞାନ କଂଗ୍ରେସରେ କେନ୍ଦୁଝରର ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲର ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ ପ୍ରକଳ୍ପ ଜାତୀୟସ୍ତରକୁ ମନୋନୀତ ହୋଇଛି। ଗତ ୧୧ ଓ ୧୨ରେ ଭୁବନେଶ୍ୱର ବିଜେଇଏମ ସ୍କୁଲଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୩୦ ଜିଲାର ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର ର ନରସିଂହ ସ୍ୱାଇଁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଦିପ୍ତିପ୍ରଭା ରାଉତ ଓ ଅଙ୍କିତା ସାହୁଙ୍କ ଦ୍ୱାରା କେନ୍ଦୁଝର ସହରର ରାସ୍ତା କଡରେ ଥିବା ବିଭିନ୍ନ ହୋଟେଲର ପିଇବା ପାଣି ସ୍ୱଚ୍ଛତା ଏବଂ ଗୁଣବତା ଉପରେ ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା।

ସେହି ପ୍ରକଳ୍ପ ରାଜ୍ୟସ୍ତରର ବିଚାରକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ଜାତୀୟସ୍ତର ଶିଶୁବିଜ୍ଞାନ କଂଗ୍ରେସରେ ଯୋଗଦାନ ପାଇଁ ମନୋନୀତ ହୋଇଛି। ଶିଶୁବିଜ୍ଞାନ କଂଗ୍ରେସର ଉଦ୍‌ଯାପନୀ ଉତ୍ସବରେ ଇସ୍ରୋର ପୂର୍ବତନ ବୈଜ୍ଞାନିକ ତଥା ଭୁବନେଶ୍ୱର ଆଇଆଇଟିର ପ୍ରଫେସର ଡକ୍ଟର ଦେବଦତ୍ତ ସ୍ୱାଇଁଙ୍କଠାରୁ ଛାତ୍ରୀ ଏବଂ ବିଜ୍ଞାନ ଶିକ୍ଷକ ପୁରସ୍କାର ଗ୍ରହଣ କରିଥିଲେ। ସଫଳତା ପାଇଁ ନରସିଂହ ସ୍ୱାଇଁ ପୋଲିସ ହାଇସ୍କୁଲର ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂସଦ, ଶିକ୍ଷୟିତ୍ରୀଶିକ୍ଷକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



ସଫଳତା ପାଇଁ ପୁରସ୍କୃତ କରାଯାଉଛି।

# 'ଘରେ ପାଇଖାନା ନିର୍ମାଣ କର'

**ହାଟଡିହୀ, ୧୩।୧୨**

ହଟଡିହୀ ବ୍ଲକରେ 'ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା' ସମ୍ପର୍କିତ ପରିମଳ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନୁସୂୟା ସେଠୀଙ୍କ ଅଧ୍ୟକ୍ଷତାରେ ହାଟଡିହୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ସୁଶାନ୍ତ ବାରିକ୍ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଘରେ ପାଇଖାନା ବ୍ୟବହାର ସହ ନିର୍ମାଣ କ୍ଷେତ୍ରରେ ସରକାରୀ ଆର୍ଥିକ ସହାୟତାର ସଦ୍‌ବିନିଯୋଗ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ସ୍ୱେଚ୍ଛ ପରିମଳର ଉପକାରିତା ଉପରେ ସଚେତନତା ଧର୍ମୀ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଜେନା ସ୍ୱେଚ୍ଛତା ଓ ସୁସ୍ଥ ପରିବେଶର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ହାଟଡିହୀ, ପନ୍ଦାଡୋ, ମରୈଗାଁ, ବଡରମ୍ପାସ ଆଦି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଓ ସ୍ୱଚ୍ଛ ଭାରତ ମିଶନର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପରିମଳ ସଚେତନତା କାର୍ଯ୍ୟକ୍ରମର ହାଟଡିହୀ ବ୍ଲକ ସଂଯୋଜକ ତଥା ସମାଜସେବୀ କୈଳାସ ଚନ୍ଦ୍ର ରାଉତ ପରିଚାଳନା କରିଥିଲେ।

# କୁରାଳପଞ୍ଚମୀରେ ଲକ୍ଷ୍ମୀନାରାୟଣ ପୂଜା

**ଆନନ୍ଦପୁର, ୧୩।୧୨(ସ୍ୱ.ପ୍ର.)**

ଘସିପୁରା ବ୍ଲକ ନଦୁଆଁ ଗ୍ରାମରେ କୁରାଳ ପଞ୍ଚମୀ ଅବସରରେ ଲକ୍ଷ୍ମୀନାରାୟଣ ପୂଜା ବେଶ ଆଡମ୍ବର ସହକାରେ ପାଳିତ ହୋଇଯାଇଛି। ଦୁଇ ଦିନ ଧରି ପୂଜା ଅନୁଷ୍ଠିତ ହୋଇଛି। ପୂଜାକୁ କୁମ୍ଭାର ସମ୍ପ୍ରଦାୟର ଲୋକେ ବିଶେଷ କରି ପାଳନ କରିଥାନ୍ତି। ପୂଜାରେ କୁମ୍ଭାର ସମ୍ପ୍ରଦାୟର ଏକ ସ୍ୱତନ୍ତ୍ର ପୂଜା ବହି ପାଠ କରାଯାଇଥାଏ ଯାହାକି କେବଳ ପୂଜକ ଓ କୁମ୍ଭାର ସମ୍ପ୍ରଦାୟର ଲୋକଙ୍କ ବ୍ୟତୀତ କେହି ପଢିପାରନ୍ତି ନାହିଁ। ପ୍ରଥମ ଥର ପାଇଁ ଏହି ପୂଜା ଆରମ୍ଭ କରାଯାଇଛି। ପୂଜା ପାଇଁ ବୁଧବାର କଳସ ସ୍ଥାପନା କାର୍ଯ୍ୟ କରାଯାଇଥିବାବେଳେ ଗୁରୁବାର ଉଦଯାପନୀ ସମାରୋହ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂଜାକୁ ନିଖିଳ ମୁଦୁଲୀ, ଅଭିମନ୍ୟୁ ସାହୁ, ସନାତନ ସାହୁ, ଗୋବର୍ଦ୍ଧନ ସାହୁ, ଟଙ୍କଧର ସାହୁ, ସନିଆ ସାହୁ, ନିରଞ୍ଜନ ସାହୁ, ବାପି ସାହୁ, ରମେଶ ମୁଦୁଲୀ, ନକୁଳ ମୁଦୁଲୀ, ନୃସିଂହ ମୁଦୁଲୀ ପ୍ରମୁଖ ପରିଚାଳନା କରୁଛନ୍ତି।



ଲକ୍ଷ୍ମୀନାରାୟଣଙ୍କୁ ପୂଜା କରାଯାଉଛି।

# କ୍ରିକେଟ ଟୁର୍ନାମେଣ୍ଟ: ଧକୋଠା ଦଳ ଚାମ୍ପିୟନ

**ଆନନ୍ଦପୁର,୧୩।୧୨(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ସଂଯୋଜକ ହିମାଂଶୁ କୁମାର ରାମ ଓ ପୌରପରିଷଦ ସଂଯୋଜକ ଆଇନଜୀବୀ ଭାଗୀରଥି ଦାଶଙ୍କ ମିଳିତ ସଂଯୋଜନାରେ ଆନନ୍ଦପୁର ବ୍ଲକର ସମସ୍ତ ପଞ୍ଚାୟତ ବିଜୁ ଯୁବବାହିନୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଟୁର୍ନାମେଣ୍ଟକୁ ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ୧୮ ଦଳରୁ ବେଷ୍ଟ ୪ ଦଳ ସେମିଫାଇନାଲ୍ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ଫାଇନାଲରେ ଧକୋଠା ବିଜୁ ଯୁବ ବାହିନୀ ସହିତ ଶାଳବଣି ଦଳ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚରେ ଶାଳବଣିକୁ ପରାସ୍ତ କରି ଧକୋଠା ଟିମ୍ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା।

ଧକୋଠା ଦଳର ହିମାଂଶୁ କୁମାର ମହାନ୍ତ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଲୋକେ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରାଣନାଥ କାହାଳୀ, ବିଶ୍ୱରଞ୍ଜନ ସାହୁ, ଦେବାଶିଷ ପଣ୍ଡା, ପିତବାସ ଗାହାଣ, ପଦ୍ମନାଭ ସାମଲ, ପିତାମ୍ବର ଜେନା, ରାଜକିଶୋର କର, ପ୍ରମୋଦ ସାହୁ ପ୍ରମୁଖ କ୍ରୀଡ଼ା ଶିକ୍ଷକ ଖେଳ ପରିଚାଳନା କରିଥିଲେ। ଶେଷରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ମମତା ନାଇକ ଅତିଥି ଭାବେ ଉପସ୍ଥିତ ରହି ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।



ଖେଳାଳିଙ୍କୁ ଭେଟୁଛନ୍ତି ଅତିଥି।

## ସଂକ୍ଷେପରେ

### ଶ୍ରମିକଙ୍କ ସୁରକ୍ଷା ନେଇ ଚିନ୍ତା

**କେନ୍ଦୁଝର, ୧୩।୧୨(ସ୍ୱ.ପ୍ର.):** କେନ୍ଦୁଝର ସହରରେ ନଳକୂପ ଖନନ ପାଇଁ ଓଡ଼ିଶା ବାହାରର ବହୁ ଗାଡି ଚଳାଚଳ କରୁଛି। ନିକଟରେ କାଞ୍ଜିପାଣି ଘାଟିରେ ଭେଗା ନାମକ ଏକ ସଂସ୍ଥାର ଗାଡି ଦୁର୍ଘଟଣା ଘଟିବାରୁ ଜଣେ ଆନ୍ଧ୍ର ପ୍ରଦେଶର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ଗାଡି ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉକ୍ତ ସଂସ୍ଥା ରାଜ୍ୟ ବାହାରୁ ଶ୍ରମିକ ଆଣି ବିପଦପୂର୍ଣ୍ଣ ଅବସ୍ଥାରେ କାମ କରାଉ ଥିବା ଅଭିଯୋଗ ହେଉଛି। ଥଣ୍ଡା ରାତିରେ ଲୋକଙ୍କୁ ଗାଡିର ଡାଲାରେ ବସାଇ ନେବା ଆଣିବା କରାଯାଉଛି। ପେଟପାଟଣା ପାଇଁ ଶ୍ରମିକ କାମ କରୁଥିବା ବେଳେ ଲାଭବାନ ହେଉଥିବା କଂପାନୀ ଉପଯୁକ୍ତ ସୁବିଧା ଯୋଗାଇଦେଉ ନ ଥିବା ଅଭିଯୋଗ ହେଉଛି। କାମ ହରାଇବା ଭୟରେ ମୁହଁ ଖୋଲୁନାହାନ୍ତି ଶ୍ରମିକ। ଏ ନେଇ ଶ୍ରମ ବିଭାଗ ପକ୍ଷରୁ ଧରପଗଡ କରାଯାଉ ନ ଥିବା ଅଭିଯୋଗ ହେଉଛି। ବାହାରୁ ଶ୍ରମିକ ଆଣି କାମ କରାଇଲେ ଆନ୍ତଃରାଜ୍ୟ ଶ୍ରମ ଲାଇସେନ୍ସ କରିବା ଜରୁରୀ। ଉକ୍ତ ସଂସ୍ଥା ଏଭଳି ଲାଇସେନ୍ସ କରିଛି କି ନାହିଁ ତାହା ଶ୍ରମ ବିଭାଗ ଯାଞ୍ଚ କରିବା ଆବଶ୍ୟକ ବୋଲି ଆଇନଜୀବୀ ସନ୍ତୋଷ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ସଂସ୍ଥାର ମ୍ୟାନେଜର ପ୍ରଦୀପଙ୍କୁ ଯୋଗାଯୋଗ କରିବାରୁ ଶ୍ରମ ଲାଇସେନ୍ସ ଥିବା ଏବଂ କାମ କରୁଥିବା ଲୋକଙ୍କୁ ସବୁ ସୁବିଧା ଦିଆଯାଉଥିବା କହିଛନ୍ତି। ଏ ନେଇ ଶ୍ରମ ବିଭାଗ ପଦକ୍ଷେପ ନେବା ସହ ଚାଲୁଥିବା ଗାଡି ଗୁଡିକର ବୈଧନତାକୁ ମୋଟର ଯାନ ବିଭାଗ ଯାଞ୍ଚ ଲାଗି ଦାବି ହେଉଛି।

### ପଳାଶପଙ୍ଗାରେ ଧାନ କିଣା ଆରମ୍ଭ

**ରାଇସୁଆଁ, ୧୩।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ପଳାଶପଙ୍ଗାରେ ସରକାରଙ୍କ ତରଫରୁ ଧାନକ୍ରୟ କେନ୍ଦ୍ରରେ ଧାନ କିଣା ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପଳାଶପଙ୍ଗା ଲ୍ୟାମ୍ପସର ସଭାପତି ପ୍ରେମାନନ୍ଦ ସିଂ, ଗୁରୁଚରଣ ଗିରୀ, ରମେଶ ମାଝି, ନବୀନ କୁମାର ଦେଓ, ଶାଖା ପରିଚାଳକ ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିରୋଧ ଯୋଗୁ ରାସ୍ତା ନିର୍ମାଣରେ ବାଧା

**ହାଟଡିହୀ, ୧୩।୧୨(ଡି.ଏନ.ଏ.):** ହାଟଡିହୀ ବ୍ଲକ ମରୈଗାଁଠାରୁ ଭଦ୍ରକ ଜିଲା ବଳିପୁର ପର୍ଯ୍ୟନ୍ତ ଏମାଙ୍ଗମେଣ୍ଟ (ବନ୍ୟା ପ୍ରତିରୋଧକ ବନ୍ଧ) ରାସ୍ତା ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ଜାନୁୟାରୀ ୨୦୧୯ ପର୍ଯ୍ୟନ୍ତ ରହିଛି। କାମକୁ ନେଇ କେତେକ ଲୋକ ଅଭିଯୋଗ କରିବାରୁ ରାସ୍ତା ନିର୍ମାଣ ଅଗ୍ରଗତିରେ ବାଧା ସୃଷ୍ଟି ହୋଇଛି। ଅନ୍ୟପଟେ କେତେକ ବ୍ୟକ୍ତି ଚାନ୍ଦା ମାଗିବା ନେଇ ଚର୍ଚ୍ଚାର ବିଷୟ ପାଲଟିଛି। ଚାନ୍ଦା ଆଦାୟକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ଦୀର୍ଘ ବର୍ଷ ପରେ ରାସ୍ତା କାର୍ଯ୍ୟ ନିର୍ମାଣ ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଠିକ୍ ନୁହଁ ବୋଲି ଉକ୍ତ ଅଞ୍ଚଳର ପ୍ରଦୀପ ସେଠୀ, ବାବାଜୀ ଚରଣ ଜେନା, ନବଘନ ନାୟକ, ଆଦିଗଦ ଜେନା, କୈଳାସ କୁଅଁର, ବଳଭଦ୍ରପୁରର ତପନ ସେଠୀ କହିଛନ୍ତି। ଏ ନେଇ ଯନ୍ତ୍ରୀ ସୂର୍ଯ୍ୟମଣି ସାମଲ କହିଛନ୍ତି ଯେ,ଠିକ୍ ଭାବେ କାର୍ଯ୍ୟ କରାଯାଉଛି। କୌଣସି ଅନିୟମିତତା ହେଉନାହିଁ।

### ଧର୍ମପରାୟଣ ବୃଦ୍ଧାଙ୍କ ପରଲୋକ

**ରାଇସୁଆଁ, ୧୩।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ କେନ୍ଦୁପଶି ଗ୍ରାମର ଧର୍ମପରାୟଣ ବୃଦ୍ଧା ପାଳଙ୍ଗ ପାତ୍ରଙ୍କ ୭୦ବର୍ଷରେ ସୋମବାର ପରଲୋକ ହୋଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ ମହିଳା ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କ୍ରଶର ସ୍ଥାପନକୁ ଆଦିବାସୀଙ୍କ ବିରୋଧ

- ଲୋକାଟୁଆ ପାହାଡ଼କୁ କାଟିଦେଲେ
- ୨ ପଞ୍ଚାୟତରେ ଚାପା ଉତ୍ତେଜନା
- ତହସିଲଦାର, ଜିଲାପାଳଙ୍କୁ ଅଭିଯୋଗ

**ତେଲକୋଇ, ୧୩।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅନ୍ତର୍ଗତ ଜଗମୋହନପୁର ଓ ସଲେଇକେନା ପଞ୍ଚାୟତ ସୀମାନ୍ତ ଲୋକାଟୁଆ ପାହଡ ତଳେ କ୍ରଶର ସ୍ଥାପନକୁ ଆଦିବାସୀ ବିରୋଧ କରିଛନ୍ତି। ଲୋକାଟୁଆ ପାହଡ଼ରେ କ୍ରଶର ସ୍ଥାପନ ଅନୁମତି ପରେ ଗୁରୁବାର ପାହାଡ଼କୁ କଟା ଯାଇଛି। ଏ ନେଇ ଉକ୍ତ ଅଞ୍ଚଳର ଆଦିବାସୀ ତୀବ୍ର ବିରୋଧ କରିବାରୁ ୨ ପଞ୍ଚାୟତରେ ଚାପା ଉତ୍ତେଜନା ଲାଗି ରହିଛି। ଏ ନେଇ ସ୍ଥାନୀୟ ତହସିଲଦାର ଓ ଜିଲାପାଳଙ୍କଠାରେ ତଦନ୍ତ କରିବାକୁ ଦାବି ହୋଇଛି। ଉକ୍ତ ଅଞ୍ଚଳରେ ବେଆଇନ ଭାବେ କ୍ରସର ନିର୍ମାଣ ଯୋଗୁଁ ଜଙ୍ଗଲ ଧ୍ୱଂସ ସାଙ୍ଗକୁ ପାହାଡ଼ ଅଞ୍ଚଳ ମରୁଭୂମିରେ ପରିଣତ ହେବ। ପରିବେଶ ପ୍ରଦୂଷିତ ହେବ। ଜଙ୍ଗଲ ଅଞ୍ଚଳରେ ଥିବା ପାହାଡରେ କ୍ରଶର ସ୍ଥାପନ ପାଇଁ ପ୍ରଶାସନ ଅନୁମତି ଦେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସରକାରୀ ନିୟମକୁ ଅଣଦେଖା କରି କ୍ରଶର ମାଫିଆଙ୍କୁ ପାହାଡ଼ କାଟିବାକୁ ଅନୁମତି ଦେବା ଅଞ୍ଚଳବାସୀଙ୍କୁ ମର୍ମାହତ କରିଥିବା ଆଦିବାସୀ କହିଛନ୍ତି। ଲୋକାଟୁଆ ପାହାଡ ତଳ ଅଞ୍ଚଳରେ ରହୁଥିବା ଅମରସା ଗ୍ରାମର ସହଦେବ ନାୟକ, କପିଳ ସନଙ୍ଗୀ, ନିଳନଣୀ ନାଏକ, ସାଗର ନାଏକ, କୁଳମଣି ସନଙ୍ଗୀ, ହେମ ସନଙ୍ଗୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଜଗମୋହନପୁର ପଞ୍ଚାୟତର ଲୋକାଟୁଆ ପାହାଡ ଅଞ୍ଚଳ କାକୁଡି ଅମ୍ବା ଗ୍ରାମର ମଦନା ଜୁଆଙ୍ଗ, ନବିନା ଜୁଆଙ୍ଗ, ଦିନା ଜୁଆଙ୍ଗ, ରଙ୍ଗିଆ ଜୁଆଙ୍ଗ, ରୂପା ଜୁଆଙ୍ଗ ଉକ୍ତ ଅଞ୍ଚଳରେ ଶାଳପତ୍ର, କେନ୍ଦୁ ପତ୍ର, ଅଂଳା, ଜାମୁକୋଳି ସଂଗ୍ରହ କରି ଚଳୁଥିଲେ। ପାହାଡକୁ ମେଶିନ ଦ୍ୱାରା କଟାଯାଉଥିବାରୁ ଜଙ୍ଗଲଜାତ ଦ୍ରବ୍ୟ ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ଦେଖା ଦେଇଛି। ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ପଚାରିବାରୁ କ୍ରଶର ନିର୍ମାଣ ପାଇଁ ଆବେଦନ ପରେ ବିଭିନ୍ନ ନୀତିନିୟମକୁ ଦେଖାଗଲା ପରେ ତାଙ୍କୁ ଅନୁମତି ପ୍ରଦାନ କରାଯାଏ। ଲୋକାଟୁଆ ପାହାଡ ତଳ ଅଞ୍ଚଳର ବସ୍ତି ବାସିନ୍ଦା କରିଥିବା ଅଭିଯୋଗ ସମ୍ପର୍କରେ ଜିଲା ପ୍ରଶାସନଙ୍କୁ ଜଣାଇବା ପାଇଁ ସେ କହିଛନ୍ତି।


କ୍ରଶର ସ୍ଥାପନ ପାଇଁ ଲୋକାଟୁଆ ପାହାଡ କଟାଯାଇଛି।

# ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୋଗୀ

## ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିପର୍ଯ୍ୟସ୍ତ

**ହାଟଡ଼ିହୀ, ୧୩।୧୨(ଡି.ଏନ.ଏ.)**

ହାଟଡିହୀ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟ ବିଭାଗର କେତେକ କର୍ମଚାରୀ ଓ ଅଧିକାରୀ ନିଜ ଇଚ୍ଛାରେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଡାକ୍ତର ଅଭାବରୁ ଫାର୍ମାସିଷ୍ଟ ଓ ନର୍ସଙ୍କ ଦୟାରେ ସ୍ୱାସ୍ଥ୍ୟ ସେବା ଚାଲିଛି। ଏ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କେନ୍ଦ୍ର ସରକାରଙ୍କର ଆୟୁଷ ଯୋଜନାରେ ଡାକ୍ତରଖାନାରେ ଉନ୍ନତ ମାନର ସେବା ପାଇବେ ବୋଲି ସାଧାରଣ ଗରିବ ଲୋକ ଭରସା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ହାଟଡିହୀ ବ୍ଲକର ସୋସୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଆୟୁଷ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲା। ଡାକ୍ତରଖାନାଟି ରଙ୍ଗ ବେରଙ୍ଗରେ ସୌନ୍ଦର୍ଯ୍ୟମୟ ହୋଇଛି। ଏଥିନେଇ ସରକାରଙ୍କର ବହୁ ଟଙ୍କା ଖର୍ଚ୍ଚ ହୋଇଛି।

ଗତ ଅଗଷ୍ଟରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆୟୁଷ ଡାକ୍ତରଖାନାରେ ଦୁଇ ଜଣ ଡାକ୍ତର ନିଯୁକ୍ତ ହେବା ସହ ଦିବାରାତ୍ର ସେବା ଯୋଗାଇଦିଆଯିବ, ସମସ୍ତ ପ୍ରକାର ପରୀକ୍ଷା ମାଗଣାରେ କରାଯିବ ସହ ପରିବେଶର ସ୍ୱଚ୍ଛତା ଓ ମାଗଣାରେ ଔଷଧ ମିଳିବ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ସୂଚନା ଦେଇଥିଲେ। ଏ ନେଇ ଅଞ୍ଚଳର ସାଧାରଣ ଓ ଗରିବ ରୋଗୀ ଉନ୍ନତ ମାନର ସେବା ପାଇବା ଆଶା ବାନ୍ଧିଥିଲେ। ୩ ମାସରୁ ଉର୍ଦ୍ଧ୍ୱ ସମୟ ହୋଇଯାଇଥିଲେ ହେଁ ଆୟୁଷ ଡାକ୍ତରଖାନା ପାଳିରେ ଚାଲିଛି। ନିଯୁକ୍ତ ଡାକ୍ତର ସପ୍ତାହର ୩ ରୁ ୪ଦିନ ଆସୁଥିବା ବେଳେ ଅନ୍ୟ ୨ରୁ ୩ ଦିନ ଶାଳଣିଆରେ ଡ୍ୟୁଟି କରୁଛନ୍ତି। ମାଗଣା ଔଷଧ ମିଳୁନି। ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ପାଇଁ ଆଶା ବାନ୍ଧିଥିବା ଗରିବ ଓ ସାଧାରଣ ରୋଗୀଙ୍କ ମନରେ ଥିବା ଆଶା ମଉଳି ଯାଇଛି।

# ଇନ୍ଦିରା ଆବାସରୁ ବଞ୍ଚିତ ପାର୍ବତୀ


ନିଜ ଘର ସମ୍ମୁଖରେ ପାର୍ବତୀ।

**କୋଲିମାଟି, ୧୩।୧୨(ଡି.ଏନ.ଏ.)**

ଆନନ୍ଦପୁର ବ୍ଲକ ଧକୋଠା ପଞ୍ଚାୟତରେ ଗରିବ ଲୋକଙ୍କୁ ମିଳୁନି ସରକାରୀ ଘର। ଗରିବ ଲୋକେ ସରକାରଙ୍କ ବିଜୁ ପକ୍କା ଘର, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଧକୋଠା ଗ୍ରାମରେ ଜଣେ ଗରିବ ମହିଳା ଭଙ୍ଗା ଘରେ ରହୁଛନ୍ତି। ସେ ହେଲେ ପାର୍ବତୀ ବେହେରା(୭୦)। ସରକାର ତରଫରୁ ମାସକୁ ୩୦୦ ଟଙ୍କା ଭତ୍ତା ପାଉଛନ୍ତି। ସେହି ପଇସାରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି। ଅନ୍ୟ ଦିନରେ ପର ଘରେ ମାଗି ଜାଚି ନିଜ ପେଟ ପୋଷୁଛନ୍ତି ବୋଲି ପାର୍ବତୀ କହିଛନ୍ତି। ବୟସ ଅଧିକା ହୋଇଯାଇଥିବାରୁ ଅନ୍ୟ ଲୋକଙ୍କ ଘରରେ କାମ କରିବା ସମ୍ଭବପର ହୋଇପାରୁ ନାହିଁ। ତାଙ୍କର ୨ ଝିଅ ଥିଲେ। ସେମାନଙ୍କ ବାହାଘର ହୋଇଯାଇଛି। ତାଙ୍କ ସ୍ୱାମୀଙ୍କ ପରଲୋକ ହେବାର ଦଶ ବର୍ଷ ବିତି ଗଲାଣି। ସେ ଭଙ୍ଗା ଘରେ ରହି ଜୀବନ ବିତାଉଛନ୍ତି।

ଘର ପାଇବା ଆଶାରେ ଅନେକ ଥର ପଞ୍ଚାୟତଠାରୁ ଆରମ୍ଭ କରି ଆନନ୍ଦପୁର ବ୍ଲକ ପର୍ଯ୍ୟନ୍ତ ଯାଇ ଗୁହାରି କରିଛି। କୌଣସି ସଫଳ ମିଳି ପାରି ନାହିଁ ବୋଲି ପାର୍ବତୀ କହିଛନ୍ତି। ପାର୍ବତୀଙ୍କୁ ସରକାରୀ ଘର ଯୋଗାଇ ଦେବାକୁ ଧକୋଠା ଗ୍ରାମବାସୀ ଦାବି କରିଛନ୍ତି।

### ଉଅଁରରେ ବିଶ୍ୱ ଶାନ୍ତି ମହାଯଜ୍ଞ

**ହାଟଡିହୀ, ୧୩।୧୨**

ହାଟଡିହୀ ବ୍ଲକ ଉଅଁରରେ ଷଷ୍ଠ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୀତାଯଜ୍ଞ, ଚଣ୍ଡୀପାଠ ସହ ଷୋଡଶ ପୂଜା ଉପଚାରରେ ମା' ତାରିଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଯଜ୍ଞ ମଣ୍ଡପକୁ ସୁସଜ୍ଜିତ କରାଯାଇଥିଲା। ପଣ୍ଡିତ ସୁକାନ୍ତ ଦାଶ, ନିରାକାର ପଣ୍ଡା, ଲକ୍ଷ୍ମୀଧର ପାଢୀ, ଶରତ ପାଣିଗ୍ରାହୀ, ନାରାୟଣ ପାଢୀ, ମନ୍ମଥ କର ଓ ପଣ୍ଡିତ ବିବେକାନନ୍ଦ ପାଢୀ ପୂଜା ପାଠ ଦାୟିତ୍ୱ ବହନ କରିଥିଲେ। ଭଜନ କୀର୍ତ୍ତନରେ ପରିବେଶ ଧାର୍ମିକ ଭାବା ବେଗମୟ ହୋଇଉଠିଛି। ସନ୍ଧ୍ୟାରେ ପ୍ରବଚକ ସୁଧାକର ଦାସ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ମହାଯଜ୍ଞରେ ନିରାକର ମଲିକ, ମହାଜ୍ୟୋତି ମଲିକ, ରାଜେନ୍ଦ୍ର ଜେନା, ଆଲୋକ ଜେନା କଳସ ଶୋଭାଯତ୍ରାରେ ସାମିଲ ହୋଇଥିଲେ। ରବୀନ୍ଦ୍ର ନାୟକ, କାମଦେବ ପହି, ଦାମୋଦର ପାଢୀ, ପଦ୍ମନାଭ ପରିଡ଼ା, ଗଣେଶ୍ୱର ବେହେରା, ପ୍ରବୀର ନାୟକ, ରଞ୍ଜନ ପହି, କିଶୋର ଜେନା, ପ୍ରତାପ ଦେଓ, ରମେଶ ରାଉତ, ମଦନ ସାନ୍ତାଳ, ପ୍ରକାଶ ନାୟକ ପ୍ରମୁଖ ଶ୍ରଦ୍ଧାଳୁ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭଙ୍ଗାଘରେ ବିତୁଛି ଦିନ

## ବିଜୁ ପକ୍କା ଘର ଯୋଜନା ପ୍ରହସନ

**ରାଇସୁଆଁ, ୧୩।୧୨(ଡି.ଏନ.ଏ.)**

ସରକାର ଗରିବ ନିରାଶ୍ରୟଙ୍କ ଥଇଥାନ ପାଇଁ ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକା ଘର ଯୋଜନା କାର୍ଯ୍ୟକାରି କରିଛନ୍ତି। କେନ୍ଦୁଝର ଜିଲାର ସଦର ଅଞ୍ଚଳର ମହାଦେଇଯୋଡା ପଞ୍ଚାୟତର ନାଉପଦା ଗ୍ରାମର ମଗଧା ସାହି, ମୁଣ୍ଡା ସାହିରେ ଏହାର ବହୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଲୋକ ଭଙ୍ଗା ଖପର ଖରେ ରହୁଛନ୍ତି। ମଗଧା ସାହି ଏବଂ ମୁଣ୍ଡା ସାହିର ଆଦିବାସୀ ସମ୍ପ୍ରଦାୟର ଲୋକେ ଜଙ୍ଗଲରୁ ଜାଳେଣି କାଠ ଆଣି ବିକ୍ରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଯୋଗ୍ୟ ହିତାଧିକାରୀଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ମିଳୁନି। ପଞ୍ଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ବ୍ଲକକୁ ଧାଇଁ ନୟାନ୍ତ ହେଲେଣି କିନ୍ତୁ ଘର ଖଣ୍ଡେ ମିଳୁନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଭଙ୍ଗା ଘରେ ଜୀବନ ବିତାଉଛନ୍ତି। ଗ୍ରାମର ଶ୍ୟାମ ନାଏକ, ପର୍ଶୁ ମହାକୁଡ, ଅଭିମହାକୁଡ, ଅଜୟ ମହାକୁଡ, ବିଦେଶୀ ମହାକୁଡ, ଜନମସିଂ ମୁଣ୍ଡା, ମଙ୍ଗୁଲୁ ମୁଣ୍ଡା, ଗମିଆ ମୁଣ୍ଡା, ସହ ବହୁ ଜନସାଧାରଣ କହିଛନ୍ତି, ପଞ୍ଚାୟତ କର୍ମଚାରୀ ଆମକୁ ଘର ମିଳିବ ବୋଲି କହି ୧ ଶହ ଟଙ୍କା ଲେଖାଏଁ ନେଇଥିଲେ। ବହୁବାର ଫଟୋ ଉଠାଇ ନେଇଛନ୍ତି। ଘର ପାଇଁ କାର୍ଯ୍ୟାଦେଶ ମିଳୁନି। ଏଥିପ୍ରତି ଜିଲାପ୍ରଶାସନ ଦୃଷ୍ଟି ଦେଇ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।


ଗ୍ରାମର ଗରିବ ହିତାଧିକାରୀ।

# ଶିଶୁ ଉତ୍ସବରେ ଶିକ୍ଷୟିତ୍ରୀଶିକ୍ଷକ ସମ୍ବର୍ଦ୍ଧିତ

**ତେଲକୋଇ, ୧୩।୧୨(ଡି.ଏନ.ଏ.)**

ତେଲକୋଇ ବ୍ଲକ ମୁଖ୍ୟାଳୟରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୨୫ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଗୀତ, ନୃତ୍ୟ, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ରଚନା, କବିତା ଆବୃତି, ଏକକ ଅଭିନୟ ଆଦି ପ୍ରତିଯୋଗିତା ହୋଇଥିଲା। ବ୍ଲକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୁଲ୍ୟରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଶିକ୍ଷା ପ୍ରଦୀପର ସମ୍ପାଦକ ଭୀକାରି ଚରଣ ସାହୁ, ହେମନ୍ତ ପ୍ରଧାନ, ବାସୁଦେବ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଶିକ୍ଷକ ନିମାଇଁ ଚରଣ ସତପଥୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧର୍ମିଳା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପରିଦର୍ଶକ ଭାବେ ଜିଲା ଓଷ୍ଟାର ସମ୍ପାଦକ କ୍ଷୀରଦ କୁମାର ରାଉତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ସତପଥୀ, ଉପଦେଷ୍ଟା ସର୍ବେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବନାରାୟଣପୁର ଗୋଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ମହାନ୍ତ ସଭା ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସତ୍ୟ ନିଷ୍ଠା ଓ ଶିକ୍ଷାଦାନ ଭୂମିକା ନେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଧର୍ମିଳା ଏବଂ ଦୋବଲାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ସହାୟତା କରିଥିଲେ।


ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### ବଡ଼ବିଲ ମହୋତ୍ସବ ଲାଗି ପ୍ରସ୍ତୁତି ବୈଠକ

**ବଡ଼ବିଲ, ୧୩।୧୨(ସ୍ୱ.ପ୍ର.)**

ବଡବିଲ ମହୋତ୍ସବ ପାଳନ ନେଇ କମିଟି ପକ୍ଷରୁ ଗୁରୁବାର ସ୍ଥାନୀୟ ପୌର କାର୍ଯ୍ୟାଳୟରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବଡ଼ବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ପୌର ନିର୍ବାହୀ ଅଧିକାରୀ ମନୋରଞ୍ଜନ ଦେଓ, ଅତିରିକ୍ତ ତହସିଲଦାର ଅଭିଷେକ ପଣ୍ଡାଙ୍କ ଉପସ୍ଥିତିରେ ବିଜୟ ମହାନ୍ତ, ରଣଜିତ ଚାଟାର୍ଜୀ, ପ୍ରତାପ ଜେନା, ଦିଲ୍ଲିପ କର୍ମକାର, ବିଜୟ ମହାନ୍ତି, ସ୍ୱାଧୀନ ରାୟ, ଇନ୍ଦ୍ରଦେବ ଯାଦବ, ମନୋଜ ସାହୁ, ମୃତ୍ୟୁଞ୍ଜୟ ଦାସ, ମନୋଜ ପତି ଓ ଜାବେଦ ଅଖତର ପ୍ରମୁଖ ଉପସ୍ଥିତ ରହିଥିଲେ। ୨୦୧୯ ଜାନୁୟାରୀରେ ମକର ସଂକ୍ରାନ୍ତି ପରେ ମହୋତ୍ସବ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ବିଗତ ବର୍ଷ ମହୋତ୍ସବକୁ ୪ ଦିନ ଧରି ପାଳନ କରାଯାଇଥିବା ବେଳେ ନିଅଣ୍ଟିଆ ବଜେଟରେ ୩ ଦିନ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଘସିପୁରା, ୧୩।୧୨(ଡି.ଏନ.ଏ.)**

ଘସିପୁରାସ୍ଥ କନକମଞ୍ଜରୀ ବାଳଶିକ୍ଷା ସଂସ୍ଥାନର ୩୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ବ୍ଲକ ପଡ଼ିଆରେ ଆରମ୍ଭ ହୋଇଛି। ଘସିପୁରା ପୋଲିସ କଲୋନୀ ହନମାନ ପୀଠରୁ ଆଚାର୍ଯ୍ୟ ସତ୍ୟଜିତ୍ ସାହୁ, ତ୍ରିଲୋଚନ ପୁହାଣଙ୍କ ତତ୍ତ୍ୱାବଧାନରେ ଛାତ୍ର ବରୁଣଜ୍ୟୋତି ମହାରଣା, ସାୟନା ମିଶ୍ର, ଦିବ୍ୟାଂଶୁ ମହାରଣା, ରୁଦ୍ରନାରାୟଣ ବେହେରା, ଦୀପ୍ତି ରଞ୍ଜନ ସାହୁ, ଚନ୍ଦନ ନାୟକ, ପ୍ରକାଶ ସାହୁଙ୍କ ଦ୍ୱାରା କ୍ରୀଡ଼ାଜ୍ୟୋତି ଅଣାଯାଇ କ୍ରୀଡ଼ା ପଡ଼ିଆରେ ସ୍ଥାପନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମନମୋହନ ଦାଶଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସମାରୋହରେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, କ୍ରୀଡ଼ାବିତ୍ ବୁଲୁ ପଟ୍ଟନାୟକ ମୁଖ୍ୟବକ୍ତା, ବିଦ୍ୟାଳୟର ଉପଦେଷ୍ଟା ପ୍ରାଗ୍‌ଜୀ ଭଗବାନଲାଲ ପଡ଼ିଆରୀ, ଖବରଦାତା ଶତ୍ରୁଘନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ଅତିଥି ପରିଚୟ ଦେଇଥିଲେ। ଉପପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଉକ୍ତ ଖେଳକୁଦରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ବର୍ଗର ଦୌଡ଼କୁଦ, ଲମ୍ଫଡ଼ିଆଁ, ଉଚ୍ଚଡ଼ିଆଁ, ସର୍ଟଫୁଟ୍, ଗଣିତ ଦୌଡ଼, ବେଙ୍ଗଡ଼ିଆଁ, ବାଡ଼ିଖେଳ ସହ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ନଟବର ସାହୁ, ଚିତ୍ରସେନ ସାହୁ, ମନୋଜ ସତପଥୀ, କାଳନ୍ଦୀ ମହାରଣା, ଆଚାର୍ଯ୍ୟ ସନ୍ଧ୍ୟାରାଣୀ ପଟ୍ଟନାୟକ, ଜ୍ୟୋସ୍ନାମୟୀ ନାୟକ, ରୋନାଲି ଜେନା, ସ୍ନିଗ୍ଧା ସରିତା ମହାରଣା, ନିବେଦିତା ସାହୁ, ଇତିଶ୍ରୀ ବାଇ, ଲିପ୍ସାରାଣୀ ସାହୁ, ପଦ୍ମିନୀ ରାଉତ, ବର୍ଷାରାଣୀ ବେହେରା, ଚିନ୍ମୟୀ ରାଉତ, ପ୍ରଜ୍ଞାପ୍ରିୟଦର୍ଶିନୀ ଓଝା, ସେବକ ମନୋଜ ସାହୁ, ଶଙ୍କର୍ଷଣ ରାଉତ, ସେବୀକା ଶାନ୍ତି ପାତ୍ର ପ୍ରମୁଖ ପ୍ରତିଯୋଗିତାରେ ସହଯୋଗ କରିଥିଲେ।

# ରାସ୍ତା ମଝିରେ ଖାଲଖମା, ଲୋକେ ହଇରାଣ

**କେନ୍ଦୁଝର, ୧୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ସହରର ଗାନ୍ଧୀଛକରେ ସବୁବେଳେ ଦୁର୍ଘଟଣା ଘଟୁଛି। ଟ୍ରାଫିକ ପୋଲିସ ମୁତୟନ ହୋଇଥିଲେ ହେଁ ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ସେମାନେ ଅସୁରକ୍ଷିତ ମଣୁଛନ୍ତି। ରାସ୍ତା ମଝିରେ ଖାଲଖମା ହୋଇଛି। ଉକ୍ତ ଛକ ଦେଇ ଜିଲାପାଳ, ଏସପି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଏନଏଚଏଆଇର ଅଧିକାରୀ, ମନ୍ତ୍ରୀ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଛନ୍ତି। ମାତ୍ର ୨୦ ମିଟର ବ୍ୟାସାର୍ଦ୍ଧ ପରିମିତ ଛକର ମରାମତି କରାଯାଇପାରୁ ନ ଥିବାରୁ ଅସନ୍ତୋଷ ତୀବ୍ର ହେଉଛି। ଗାନ୍ଧୀ ଛକଠାରୁ ଶିରିପୁର, ଜୁଡିଆ, ଘୁଟୁରୁ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇଛି। ମରାମତି କରାଯାଉ ନ ଥିବାରୁ ଧୂଳିଧୂଆଁ ପ୍ରଦୂଷଣ ବ୍ୟାପିବା ସହ ଦୁର୍ଘଟଣା ଘଟୁଛି ବୋଲି ଆଇନଜୀବୀ ରବୀନ୍ଦ୍ର କୁମାର ସେଠୀ କହିଛନ୍ତି। ସହରର ଅନ୍ୟ ରାସ୍ତାରେ ପିଚୁ ଟିପସ ଦେଇ ମରାମତି କାମ କରି ବହୁ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ମରାମତି କରାଯାଉ ନାହିଁ ବୋଲି ସାମାଜିକ କର୍ମୀ ମୁଖତାର ଆଲାମ କହିଛନ୍ତି। ସହର ମଧ୍ୟରେ ଚାଲିଥିବା ମରାମତି କାମ ଠିକ ମାନର ହେଉ ନ ଥିବାରୁ ବାରମ୍ବାର ଭାଙ୍ଗୁଛି। ମରାମତି ନାମରେ ବିଲ କରାଯାଇ ଟଙ୍କା ହେରଫେର କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ଗାନ୍ଧୀ ଛକ ରାସ୍ତା ମଝିରେ ହୋଇଥିବା ଖାଲ।

# ନୃତ୍ୟ, ସଙ୍ଗୀତରେ ଝୁମିଲେ ଦର୍ଶକ

## ସେଣ୍ଟମେରୀ ସ୍କୁଲର ଗ୍ଲିଟର ଆମ୍ବିଏନ୍ସ ଉଦ୍‌ଯାପିତ

**ବଡ଼ବିଲ, ୧୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସେଣ୍ଟ ମେରୀ ସ୍କୁଲର ୫୨ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଗ୍ଲିଟର ଆମ୍ବିଏନ୍ସ (ବାର୍ଷିକୋତ୍ସବ)ବୁଧବାର ଉଯାପିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ତଥା ଚମ୍ପୁଆ ବିଡିଓ ନୂପୁରଚାନ୍ଦ ଗୋଚିଆ, ସମ୍ମାନିତ ଅତିଥି ତହସିଲଦାର କ୍ଷୀରୋଦ କୁମାର ବେହେରା, ବାଲେଶ୍ୱର ଡାଇକୋଜ ବିସପ ରେଭ ସାଇମନ କାଇପୁରମ ପ୍ରମୁଖଙ୍କୁ ଛାତ୍ରୀଛାତ୍ର ପାଛୋଟି ନେଇଥିଲେ। ଗ୍ଲିଟର ଆମ୍ବିଏନ୍ସର ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ସ୍କୁଲ ପ୍ରିନ୍ସିପାଲ ସିଷ୍ଟର ଜେସ ମାରିଆ ସ୍କୁଲ ରିପୋର୍ଟ ପ୍ରଦାନ କରିଥିଲେ। ତୃତୀୟ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା କଲର୍ସ ଅଫ ଫ୍ରିଡମ, ଇଭୋଲ୍ୟୁସନ ଅଫ କମେଡି, କିଡୋଜ ବାହୁବଳୀ, ଦ ସ୍ପାଇସ ଅଫ ଲାଇଫ୍, ପୋଷ୍ଟ କାର୍ଡ ଫ୍ରମ ରାଜୱାଡା, ମାମ୍ବିଲୁକୋଣ୍ଟ ମାଉଁଟାନିଓସ ମୋରାଲ, ଟ୍ରିବ୍ୟୁଟ ଟୁ ଅଲିମ୍ପିକ୍ସ, ସାଇନିଂ ନାଇଟିଙ୍ଗଲ, ସ୍କୁଲ କେ ଓହ ଦିନ, ରିଭାଇସିଂ ଷ୍ଟାର୍ସ, ଦ ଭାନୁମାକ୍ସ କ୍ରଉ, ଭାଙ୍ଗଡା ୱାରିଅର୍ସ ଭଳି ନୃତ୍ୟ ସହ ଆକର୍ଷଣୀୟ 'ରୋମିଓ ଆଣ୍ଡ ଜୁଲିଏଟ' ଶୀର୍ଷକର ନୃତ୍ୟନାଟିକା ପ୍ରଦର୍ଶନ ହୋଇଥିଲା। ଛାତ୍ରୀଛାତ୍ରଙ୍କ ନୃତ୍ୟ, ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଶେଷରେ ଉପସ୍ଥିତ ଅଭିଭାବକ, ଛାତ୍ରୀଛାତ୍ର ଓ ଅତିଥିଙ୍କ ସମୂହ ଜାତୀୟ ସଙ୍ଗୀତରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।


ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ।